# ବାଗଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ର: ଡାକ୍ତର, କର୍ମଚାରୀ ନ ଥିବାରୁ ରୋଗୀ ହନ୍ତସନ୍ତ

ଛେଣ୍ଡିପଦା, ୨୦।୩(ସମିସ)

ଛେଣ୍ଡିପଦା ବ୍ଲକ ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଲାଗି ରହିଛି । ଡାକ୍ତର ଓ କର୍ମଚାରୀ ନ ଥିବାରୁ ରୋଗୀ ହନ୍ତସନ୍ତ ହେଉଛନ୍ତି । ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ରହିବା ସରକାରୀ ନିୟମ ଥିବା ବେଳେ ଡାକ୍ତର କିମ୍ବା କୌଣସି କର୍ମଚାରୀ ନ ଥିବାରୁ ଘଣ୍ଟା ଘଣ୍ଟା ଧରି ରୋଗୀମାନେ ଅପେକ୍ଷା କରି ଫେରୁଛନ୍ତି । ଏ ନେଇ ଡାକ୍ତରଖାନାରେ ଉତ୍ତେଜନା ଦେଖା ଦେଇଥିଲା ।

ଗୁରୁବାର ଅପରାହ୍ନ ୩ଟାରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଥିଲା । ଏହି ସମୟରେ ଖାମର ଗ୍ରାମର ଜଣେ ଝାଡ଼ାବାନ୍ତି ଆକ୍ରାନ୍ତ ଶିଶୁକୁ ନେଇ ତାଙ୍କ ଅଭିଭାବକ ଡାକ୍ତରଖାନା ଆସିଥିଲେ । କିନ୍ତୁ ଡାକ୍ତରଖାନାରେ କେବଳ ଡ୍ରେସର, ଏଲଟି ଦିଦି ଓ ଜଣେ ସୁଇପର ଉପସ୍ଥିତ ଥିଲେ ।




ପ୍ରାୟ ଦେଢ଼ଘଣ୍ଟା ଅପେକ୍ଷା କରିବା ପରେ ମଧ୍ୟ କୌଣସି କର୍ମଚାରୀ ନ ଆସିବାରୁ ଉତ୍ତେଜନା ଦେଖା ଦେଇଥିଲା । ଖବର ପାଇ ଜଣେ ନର୍ସ ଓ ଫାର୍ମାସିଷ୍ଟ ଆସି ପହଞ୍ଚିଥିଲେ । ସ୍ୱାସ୍ଥ୍ୟସେବା ପରି ଜରୁରୀ ସେବାରେ କର୍ମଚାରୀମାନଙ୍କ ଚରମ ଅବହେଳାକୁ ନିନ୍ଦା କରିଛନ୍ତି ରୋଗୀଙ୍କ ସମ୍ପର୍କୀୟ । ଡାକ୍ତରଖାନାରେ କାର୍ଯ୍ୟରତ କର୍ମଚାରୀ ନିୟମିତ ଏଭଳି ଅବହେଳା କରୁଥିବା ଦେଖିବାକୁ ମିଳୁଛି ।

ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଏହି ଡାକ୍ତରଖାନାରେ କାର୍ଯ୍ୟରତ ଜମେ ମହିଳା କର୍ମଚାରୀ ରୋଗୀମାନଙ୍କୁ ଘୃଣା ଚକ୍ଷୁରେ ଦେଖୁଥିବା ଅଭିଯୋଗ ହେଉଛି । ତେବେ ଏହି ଅଭିଯୋଗ ପ୍ରତି ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଆଗାମୀ ଦିନରେ ବାଗଡ଼ିଆ ଡାକ୍ତରଖାନାରେ ଏଭଳି ଅବ୍ୟବସ୍ଥା ଲାଗି ରହିଲେ ଗ୍ରାମବାସୀ ରାଜରାସ୍ତାରେ ବିକ୍ଷୋଭ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଦୟାନନ୍ଦ ବୈଦିକ ସାଧନା ଆଶ୍ରମରେ ବୈଦିକ ଯଜ୍ଞ



ରେଙ୍ଗାଲି, ୨୦।୩(ସମିସ): କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପ ଦୟାନନ୍ଦ ବୈଦିକ ସାଧନା ଆଶ୍ରମରେ ଚୈତ୍ର ଶୁକ୍ଳ ପ୍ରତିପଦା ପରିପ୍ରେକ୍ଷୀରେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଛି । ଆଶ୍ରମର ସଞ୍ଚାଳକ ସ୍ୱାମୀ ଶ୍ରୀସତ୍ୟ ସରସ୍ୱତୀଙ୍କ ପୌରୋହିତ୍ୟରେ ଆୟୋଜିତ ଯଜ୍ଞରେ ଆଶ୍ରମ ସଭାପତି ଜଗମୋହନ ପ୍ରଧାନ କର୍ତ୍ତା ଭାବେ ଯୋଗଦେଇଥିଲେ । ପୂର୍ବାହ୍ନରେ ଆଶ୍ରମରେ ଆର୍ଯ୍ୟମାନଙ୍କ ଦ୍ୱାରା ବେଦପାଠ ପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନରେ ପୂର୍ଣ୍ଣାହୁତି ପରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ପ୍ରଦାନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ବିଶ୍ୱ ପଖାଳ ଦିବସ ପାଳିତ



ଅନୁଗୋଳ, ୨୦।୩(ସମିସ): ଓଡ଼ିଶାର ପାରମ୍ପରିକ ଖାଦ୍ୟ ତଥା ଓଡ଼ିଆ ଜୀବନଶୈଳୀର ପ୍ରତୀକ ପଖାଳକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟରେ ଶୁକ୍ରବାର ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ 'ବିଶ୍ୱ ପଖାଳ ଦିବସ' ପାଳନ କରାଯାଇଛି । ଏହି ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଆ ଖାଦ୍ୟର ଗାରିମା ବିଷୟରେ କହିଥିଲେ । ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ଯୋଗଦେଇ ଓଡ଼ିଆ ଅସ୍ମିତା ଓ ସଂସ୍କୃତି ସହ ପଖାଳର ନିବିଡ଼ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ । ସମସ୍ତ ବରିଷ୍ଠ ପଦାଧିକାରୀ ଏକତ୍ର ପଖାଳ ସହ ଅନ୍ୟାନ୍ୟ ବ୍ୟଞ୍ଜନର ମଜା ନେଇଥିଲେ । କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଅନୁଗୋଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜଶ୍ରୀ ସାହୁ, ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ଆପାତ କାଳୀନ ଅଧିକାରୀ ତଥା ପର୍ଯ୍ୟଟନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମଣ୍ଡଳସ୍ତରୀୟ ଦୀନଦୟାଳ ପ୍ରଶିକ୍ଷଣ ମହାଭିଯାନ




ପାଲଲହଡ଼ା, ୨୦।୩(ସମିସ): ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ପାଲଲହଡ଼ା ଓ ଖେମଳା ମଣ୍ଡଳସ୍ତରୀୟ ଦୀନଦୟାଲ ପ୍ରଶିକ୍ଷଣ ମହାଭିଯାନ ଗୁରୁବାର ଓ ଶୁକ୍ରବାର ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଶରତଚନ୍ଦ୍ର କ୍ଲବରେ ପାଲଲହଡ଼ା ମଣ୍ଡଳ ସଭାପତି ଆଶିଷ ସାମଲଙ୍କ ଅଧ୍ୟକ୍ଷତାରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା । ସେହିପରି ଖେମଳା ମଣ୍ଡଳ ପକ୍ଷରୁ ଝିମିରିପାଲିସ୍ଥିତ ଏକ ହୋଟେଲରେ ମଣ୍ଡଳ ସଭାପତି ଛନ୍ଦାଚରଣ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶିବିରକୁ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଉଦଘାଟନ କରି ସକ୍ଷମ କାର୍ଯ୍ୟକର୍ତ୍ତା ଶକ୍ତିଶାଳୀ ସଂଗଠନ ମୂଳାଧାର ବୋଲି କହିଥିଲେ । ଡ. ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ଜନସଂଘଠାରୁ ଆରମ୍ଭ କରି ଦଳ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସଂଘର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ । ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ବିଭିନ୍ନ ସତ୍ରରେ ସାଙ୍ଗଠନିକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ବରିଷ୍ଠ ନେତା ଲିଙ୍ଗରାଜ ଦାସ, ପ୍ରଭାତ ପ୍ରଧାନ, ଆଇନଜୀବୀ ତ୍ରିପୁରାରୀ ପ୍ରଧାନ, ରାଜ୍ୟ ଚନ୍ଦନ ସ୍ୱରାଜ, ପ୍ରଶାନ୍ତ ପୃଷ୍ଟି ପ୍ରଶିକ୍ଷକ ଭାବେ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ କରିଥିଲେ । ନୃସିଂହ ବରାଳ, ଶୋଭାଗିନୀ ପ୍ରଧାନ, ବିଧାନସଭା ସଂଯୋଜକ ପ୍ରହ୍ଲାଦ ସାମଲ, ବୁଧଦେବ ନାୟକ, ନୀଳାମ୍ବର ପ୍ରଧାନ, ଧର୍ମେନ୍ଦ୍ର ସାହୁ, ଧର୍ମେନ୍ଦ୍ର ମହାନ୍ତଙ୍କ ସମେତ ସମସ୍ତ ଶକ୍ତିକେନ୍ଦ୍ର ସଭାପତି, ବୁଥ ସଭାପତି ତଥା କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।

# ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ଅନୁଗୋଳ ଗସ୍ତ

ଅନୁଗୋଳ, ୨୦।୩(ସମିସ): ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର, ସଦସ୍ୟା ମନସ୍ମିତା ଖୁଣ୍ଟିଆ ଓ କସ୍ତୁରୀ ମିଶ୍ର ଗୁରୁବାର ଦିନିକିଆ ଅନୁଗୋଳ ଗସ୍ତରେ ଆସି ଜିଲ୍ଲାର ଅଙ୍ଗନବାଡ଼ି କେନ୍ଦ୍ର, ବାଳାଶ୍ରମ, ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ପୂର୍ବାହ୍ନରେ ବଁଅରପାଳ ଆଶ୍ରମ ସ୍କୁଲ, ଅନୁଗୋଳ ଜୁଭେନାଇଲ ଅବଜରଭେସନ ହୋମ୍, ଉତ୍କଳ ବାଳାଶ୍ରମ ପରିଦର୍ଶନ କରିଥିଲେ । ଏହି ସମୟରେ ହିଙ୍ଗୁଳା ମନ୍ଦିର ନିକଟରୁ ଭିକ୍ଷାବୃତ୍ତି କରୁଥିବା ୨ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା । ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲ୍ଲାର ଶିଶୁ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଜିଲ୍ଲାପାଳ ଅବଦାଲ ମହମ୍ମଦ ଅଖତର ପୁଷ୍ପଗୁଚ୍ଛ ଦେଇ ଅତିଥିଙ୍କୁ ସ୍ୱାଗତ କରିଥିଲେ । ବୈଠକରେ ଜିଲ୍ଲାର ସମସ୍ତ ଶିଶୁଗୃହ, ବାଳାଶ୍ରମ, କନ୍ୟାଶ୍ରମ ଓ ଆଦୃତ ଗୃହଗୁଡ଼ିକରେ ଥିବା ଶିଶୁ କିଭଳି ସରକାରୀ ଯୋଜନାରେ ଉପକୃତ ହେଉଛନ୍ତି ସେ ବିଷୟରେ ଆଲୋଚନା ହୋଇଥିଲା । ବାଲ୍ୟ ବିବାହ, ବାଲ୍ୟ ଭିକ୍ଷୁ, ଶିଶୁ ଶ୍ରମିକ, ବେଆଇନ ଶିଶୁ ବିକ୍ରି ରୋକିବା ନିମନ୍ତେ ଉଚିତ୍ ପଦକ୍ଷେପ ନେବାକୁ ଅଧ୍ୟକ୍ଷା ପରାମର୍ଶ ଦେଇଥିଲେ । ସେହିଭଳି ଛତୁଆ କେନ୍ଦ୍ରଗୁଡ଼ିକରେ ଲାଗିଥିବା ସିସିଟିଭିଗୁଡ଼ିକୁ ଜିଲ୍ଲା କାର୍ଯ୍ୟାଳୟ ସହ ସେଣ୍ଟ୍ରାଲାଇଜ କରିବାକୁ ପରାମର୍ଶ ଦେଇଥିଲେ । ଆବାସିକ ବିଦ୍ୟାଳୟଗୁଡ଼ିକରେ ମାସିକ ସ୍ୱାସ୍ଥ୍ୟ ପରୀକ୍ଷା ସହ କ୍ଷେତ୍ର ପରିଦର୍ଶନ ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ



ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ନିରୁପମା ପାଣି, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

# ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ତାଲିମ ଉଦଯାପିତ

ଅନୁଗୋଳ, ୨୦।୩(ସମିସ): ସ୍ଥାନୀୟ ପିଏମଶ୍ରୀ ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କ ତିନିଦିନିଆ ଆବାସିକ ବ୍ରେଲ, ଗତିଶୀଳତା ଓ ପରିବେଶ ଜ୍ଞାନ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି । ମୁଖ୍ୟଅତିଥି



ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅନୀତା ଜେନା, ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲାର ୨୨ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ସେମାନଙ୍କ ଅଭିଭାବକଙ୍କ ସହ ଯୋଗଦେଇ ବ୍ରେଲ, ଗତିଶୀଳତା ଓ ପରିବେଶ ଜ୍ଞାନ ସମ୍ପର୍କିତ ତାଲିମ ଗ୍ରହଣ କରିଥିଲେ । ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟତଃ ବ୍ରେଲି ଲିପିର ଲିଖନ ଓ ପଠନ, ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ସ୍ୱାଧୀନ ତଥା ନିରାପଦ ଭାବେ ଯାତାୟାତ ନିମନ୍ତେ ଆବଶ୍ୟକ କୌଶଳ, ପରିବେଶ ସମ୍ପର୍କିତ ଜ୍ଞାନ, ଯୋଗ, ଇତ୍ୟାଦି ଉପରେ ତାଲିମ ପ୍ରଦାନ କରାଯାଇଥିଲା । ରାତି ସମୟରେ ଛାତ୍ରଛାତ୍ରୀଙ୍କ ମନୋରଞ୍ଜନ ନିମନ୍ତେ ସଙ୍ଗୀତ ପ୍ରତିଯୋଗିତା, ଅନ୍ତାକ୍ଷରୀ, ଲୁଡୁ, ଚେସ ଖେଳ ଇତ୍ୟାଦି ଆୟୋଜନ କରାଯାଇଥିଲା । ସାଧନକର୍ମୀ ଭାବେ ଅନୁଗୋଳ ବ୍ଲକ ଗୋଷ୍ଠୀ ସାଧନକର୍ମୀ ରଘୁନାଥ ବାରିକ, ବଁଅରପାଳ ବ୍ଲକ ଗୋଷ୍ଠୀ ସାଧନକର୍ମୀ ମଧୁସୂଦନ ପ୍ରଧାନ ଓ କଳ୍ପତରୁ ପ୍ରଧାନ, କଣିହାଁ ବ୍ଲକ ଗୋଷ୍ଠୀ ସାଧନକର୍ମୀ ଶ୍ରୀକାନ୍ତ ଗଡ଼ନାୟକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ । ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ପ୍ରତିଭା ବାରିକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ତାଲିମ ସମ୍ପର୍କିତ ଅନୁଭୂତି ପଚାରି ବୁଝିଥିଲେ । ନିୟମିତ ବିଦ୍ୟାଳୟକୁ ଆସି ମନଦେଇ ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୟଦୁର୍ଗା ପୂଜା କମିଟି ପକ୍ଷରୁ ହିନ୍ଦୁ ନବବର୍ଷ ପାଳନ






ଅନୁଗୋଳ, ୨୦।୩(ସମିସ): ସ୍ଥାନୀୟ ଖଲାରୀ ଗ୍ରାମ ଜୟଦୁର୍ଗା ପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ମନ୍ଦିର ପରିସରରେ ହିନ୍ଦୁ ନବବର୍ଷ ପାଳିତ ହୋଇଛି । ପୂର୍ବାହ୍ନରେ ମନ୍ଦିର ପରିସରରେ ପଣ୍ଡିତ ଅଶୋକ କୁମାରଙ୍କ ଦ୍ୱାରା ସୂର୍ଯ୍ୟପୂଜା କରାଯାଇ ନବବର୍ଷକୁ ସ୍ୱାଗତ କରାଯାଇଥିଲା । ପରେ ନଗରକୀର୍ତ୍ତନ କରାଯାଇଥିଲା । ସନ୍ଧ୍ୟାରେ ମନ୍ଦିର ପରିସରରେ ଧର୍ମସଭା ଆୟୋଜିତ ହୋଇଥିଲା । ଏଥିରେ ସନାତନ ସନ୍ଥ ସମିତି ଗୋବର୍ଦ୍ଧନ ମଠ ପୁରୀର ସଂଯୋଜକ ସ୍ୱାମୀ ସଚ୍ଚିଦାନନ୍ଦ ମହାରାଜ ତଥା ଆଦିତ୍ୟ ବାହିନୀ ଅଧ୍ୟକ୍ଷ ପଣ୍ଡିତ ମାତୃପ୍ରସାଦ ମିଶ୍ର ଉପସ୍ଥିତ ରହି ହିନ୍ଦୁ ନବବର୍ଷ ପାଳନର ଆବଶ୍ୟକତା ବିଷୟରେ ମନ୍ତବ୍ୟ ରଖିଥିଲେ । ଶେଷରେ ପ୍ରସାଦ ସେବନ କରାଯାଇଥିଲା । କମିଟି ସମ୍ପାଦକ ଆଇନଜୀବୀ ସଞ୍ଜୟ କୁମାର ମହାପାତ୍ର, ସଭାପତି ତ୍ରିନାଥ ସାହୁ, କୋଷାଧ୍ୟକ୍ଷ ରସାନନ୍ଦ ମିଶ୍ର, ଆଇନଜୀବୀ ପରମାନନ୍ଦ ମିଶ୍ର, ପ୍ରଭାକର ବେହେରା, ବିନାୟକ ମହାପାତ୍ର, ବାଉରୀବନ୍ଧୁ ମହାପାତ୍ର, ରଜତ ମହାପାତ୍ର, ପ୍ରହ୍ଲାଦ ବେହେରା, ଆଗ୍ନେୟ ମହାପାତ୍ର, ରବିନାରାୟଣ ମିଶ୍ର, ଦୁର୍ଯ୍ୟୋଧନ ମହାପାତ୍ର, ଘନଶ୍ୟାମ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ● ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଶିଶୁ ଅଧିକାର ଆୟୋଗର ତଦନ୍ତ

# ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

କଣିହାଁ, ୨୦।୩(ସମିସ): ବିଜୁଗୋଳ ଗ୍ରାମରେ ଘଟଣା ଗତ ମାସ ୨୭ ତାରିଖ ଘଟିଥିବା ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ରାଜ୍ୟ ଆଲୋଡ଼ନ ସୃଷ୍ଟି ହୋଇଛି । ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ପାଇଁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ରଙ୍କ ନେତୃତ୍ୱରେ ଏକ ଦଳ ଗ୍ରାମରେ ପହଞ୍ଚିଥିଲେ । ଦଳରେ ଆୟୋଗ ସଦସ୍ୟା କସ୍ତୁରୀ ମିଶ୍ର ଓ ମନସ୍ମିତା ଖୁଣ୍ଟିଆଙ୍କ ସହ ସମ୍ପୃକ୍ତ ବିଭାଗର ଅଧିକାରୀ, କଣିହାଁ ଏସଡିପିଓ ଭରତ ଚନ୍ଦ୍ର ସାହୁ ଓ ଏନଟିପିସି ଥାନା ଆଇଆଇସି ସଞ୍ଜୁକ୍ତା ଖିଲାର ଉପସ୍ଥିତ ଥିଲେ । ଆୟୋଗ ଅଧ୍ୟକ୍ଷା ଓ ସଦସ୍ୟମାନେ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଭେଟି ସମଗ୍ର ଘଟଣା ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥିଲେ । ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ସେମାନଙ୍କ ଅବସ୍ଥା ଓ ନ୍ୟାୟ ପ୍ରତ୍ୟାଶା ସମ୍ପର୍କରେ ଜାଣିଥିଲେ । ଏହି ଘଟଣାରେ ଜଡ଼ିତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପୁଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ସମଗ୍ର ଘଟଣା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ଆୟୋଗ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି ।



ପରିବାର ସହ ଆଲୋଚନା

# ୨୨ରୁ ତୁଳସୀପାଳରେ ୪୧ତମ ବାଦୀପାଲା

ଅନୁଗୋଳ, ୨୦।୩(ସମିସ): ବଁଅରପାଳ ବ୍ଲକ ତୁଳସୀପାଳ ଗୁଡ଼ିସାହି ସତ୍ୟନାରାୟଣ ଅନୁଷ୍ଠାନ ପକ୍ଷରୁ ଆସନ୍ତା ଶ୍ରୀରାମ ନବମୀ ଉତ୍ସବ ପାଳନ ଅବସରରେ ୪୧ତମ ବାଦୀପାଲା ଅନୁଷ୍ଠିତ ହେବ । ୨୨ ତାରିଖ ରବିବାରଠାରୁ ୨୬ତାରିଖ ଯାଏଁ ଚାରିଦିନ ଧରି ଓଡ଼ିଆ କଳା ସଂସ୍କୃତିର ପାଲା ପରିବେଷଣ କରାଯିବ । ୨୭ ତାରିଖ ରାମନବମୀ ତିଥିରେ ଯଜ୍ଞ ଅନୁଷ୍ଠିତ ହେବା ସହ ସନ୍ଧ୍ୟାରେ ଭଜନକୀର୍ତ୍ତନ ଅନୁଷ୍ଠିତ ହେବ । ଅୟୋଜକ କମିଟି ସଭାପତି ବୈକୁଣ୍ଠ ସାହୁ, ସମ୍ପାଦକ ରତିକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଗ୍ରାମର ପାଲା ସଂସ୍କୃତି ପ୍ରେମୀ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ଅଜୟ ସାହୁ, ଗୌରହରି ସାହୁ, ହରିହର ସାହୁ, ବାଉରୀବନ୍ଧୁ ସାହୁ, ଧୀରେନ ସାହୁ ପ୍ରମୁଖ ପାଲାପ୍ରେମୀ ଦର୍ଶକଙ୍କୁ ଏହି କାର୍ଯ୍ୟକ୍ରମ ଉପଭୋଗ କରିବାକୁ ନିବେଦନ କରିଛନ୍ତି ।

# ବିଭିନ୍ନ ସ୍ଥାନରେ ବିଶ୍ୱ ପଖାଳ ଦିବସ



ତାଳଚେର, ୨୦।୩(ସମିସ): ତାଳଚେର ଟ୍ରକ ମାଲିକସଂଘ କାର୍ଯ୍ୟାଳୟ, ସାଉଥବଲଣ୍ଡାଠାରେ ଥିବା ବିଭିନ୍ନ ସଂଗଠନ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳନ କରାଯାଇଛି । ସେହିପରି ଅଞ୍ଚଳ ବିଭିନ୍ନ ଢାବା ଓ ହୋଟେଲରେ ମଧ୍ୟ ପଖାଳ ସହ ଭଜାମାଛ, ଚୁନାମାଛ, ବଡ଼ିଚୁରା, ଆମ୍ବଚଟଣି ଓ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପରିବେଷଣ କରାଯାଇଛି । କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଛି । ଆମ ସଂସ୍କୃତିକୁ ସୁରକ୍ଷା କରିବା ସହ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳକୁ ବିଶ୍ୱ ଦରବାରରେ ପରିଚିତ କରିବାକୁ ତୃଣମୂଳ ସ୍ତରରୁ ଉଦ୍ୟମ ଆବଶ୍ୟକ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ ତାଳଚେର ସଙ୍କୁଳ ଅନ୍ତର୍ଗତ ଟ୍ରକ ମାଲିକ ସଂଘ, କଳମଛୁଇଁ, ତାଳଚେର, ଦେଉଳବେଢ଼ା, ବଡ଼ ଯୋରଡ଼ା, ଆମ୍ବମୁଣ୍ଡା, ବିକ୍ରମପୁର, ଚାଇଁପାଳ ଆଦି ୭ଟି ଶିଶୁ ମନ୍ଦିର ଯୋଗଦେଇଥିଲେ । ସମସ୍ତଙ୍କୁ ପଖାଳ ସହ ଦହି, ବଡ଼ିଚୁରା, ଶାଗ, ଆଳୁଭଜା, ପୋଦିନା ଚଟଣୀ ଆଦି ପାରମ୍ପରିକ ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତ କରି ପରିବେଷଣ କରାଯାଇଥିଲା ।

# ରାସ୍ତା କାମକୁ ନେଇ ଟାଙ୍ଗିଆରେ ଆକ୍ରମଣ

କିଶୋରନଗର, ୨୦।୩(ସମିସ): ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତ ଖଡ଼ରାମୁଣ୍ଡା ଗ୍ରାମରେ ରାସ୍ତା କାମକୁ ନେଇ ରାଜ କନ୍‌ଷ୍ଟ୍ରକ୍ସନ୍‌ରେ କାର୍ଯ୍ୟରତ ଇଞ୍ଜିନିୟର ପୁଷ୍ପରାଜ୍ ଅଦିତ ନନ୍ଦନଙ୍କୁ ଟାଙ୍ଗିଆରେ ଆକ୍ରମଣ କରାଯାଇଛି । ଏ ନେଇ ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ସାନହୁଲାରୁ ପାଇକସାହି ପର୍ଯ୍ୟନ୍ତ ଚାଲୁଥିବା ରାସ୍ତା କାମ ସମୟରେ ଖଡ଼ରାମୁଣ୍ଡା ଗ୍ରାମର ତ୍ରିପୁର ସାହୁ (୫୦) ହଠାତ୍ କାମ ବନ୍ଦ କରିବାକୁ କହିଥିଲେ । ପରେ କଥା କାଟାକାଟି ହୋଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଟଙ୍ଗିଆ ଆକ୍ରମଣରେ ଇଞ୍ଜିନିୟର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ । ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଘଟଣା ପରେ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି ।

# ଦାସନାଳୀ ଘାଟରୁ ବାଲି ଚୋରା ଚାଲାଣ

ତାଳଚେର, ୨୦।୩(ସମିସ)

ତାଳଚେର ଉପଖଣ୍ଡ ଅଞ୍ଚଳରେ ବର୍ଷବର୍ଷ ଧରି ବ୍ରାହ୍ମଣୀ ନଦୀପଠାରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ରାତି ଅଧିଆ ଉଚ୍ଚ ଦରରେ ବିକି କରାଯାଉଛି । ଏହାଦ୍ୱାରା ବାଲି

## ରାଜସ୍ୱହାନି, ଖଣି ବିଭାଗ ଅଧିକାରୀ ଚୁପ୍

ମାଫିଆ ଓ ଦୁର୍ନୀତିଖୋର ଅଧିକାରୀମାନେ ମାଲାମାଲ ହେଉଥିବା ବେଳେ ସରକାରଙ୍କ ବିପୁଳ ରାଜସ୍ୱହାନି ଘଟୁଛି । ତାଳଚେର ଦାସନାଳୀ ଘାଟରୁ ବର୍ଷବର୍ଷ ଧରି ଚୋରା ବାଲି ଚାଲାଣ ହୋଇ ଆସୁଥିବା ବେଳେ ଏହା କିପରି ଅଧିକାରୀମାନଙ୍କୁ ଦେଖାଯାଉ ନାହିଁ ନା ଅଧିକାରୀ ଜାଣିଶୁଣି ଚୁପ୍ ରହୁଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି ।

ଏହି ଘାଟରୁ ବେଆଇନ ଭାବେ ବାଲି



ଉତ୍ତୋଳନ ଯୋଗୁଁ ନଦୀପଠା କ୍ଷୟ ହେବା ସହ ପାର୍ଶ୍ୱବର୍ତ୍ତୀ ଗ୍ରାମ ଓ ସହର ପ୍ରତି ବିପଦ ସୃଷ୍ଟି ହେଉଛି । ଏଥିସହ ପାଣିର ସ୍ରୋତ ମଧ୍ୟ ଅନ୍ୟ ଦିଗରେ ପ୍ରବାହିତ ହେଉଥିବା ଅଭିଯୋଗ ହେଉଛି । ଫଳରେ ଗ୍ରାମବାସୀ ପାଣି ଟିକେ ପାଇଁ ହାହାକାର ହେଉଛନ୍ତି । ଆହୁରି ମଧ୍ୟ ବାଲି ମାଫିଆମାନେ ଟ୍ରାଞ୍ଜିଟ ପାସ୍ ଦୁରୁପଯୋଗ କରି ସରକାରଙ୍କୁ ଚକମା ଦେଇ ଶହଶହ ଟ୍ରିପ ବାଲି ଚୋରା ଚାଲାଣ କରୁଥିବା ସଙ୍ଗୀନ ଅଭିଯୋଗ ହେଉଛି । ଜଣେ ମାଫିଆ ହାଇୱା ଯୋଗେ ଦାସନାଳୀ ଘାଟରୁ ଶହଶହ ଟ୍ରିପ୍ ଉଠାଇ ବିଭିନ୍ନ ସ୍ଥାନରେ ଗଚ୍ଛିତ ରଖି ଉଚ୍ଚ ଦରରେ ବିକ୍ରି କରୁଛନ୍ତି । ଖଣି ବିଭାଗ ପକ୍ଷରୁ ଧରପଗଡ଼ କରାଯାଇ ଫାଇନ ଆଦାୟ କରୁଥିବା ବେଳେ ହାଇୱା ଯୋଗେ ବାଲି ଚାଲାଣକୁ କାହିଁକି ରୋକାଯାଉ ନାହିଁ ବୋଲି ପ୍ରଶ୍ନ ଉଠିଛି । ବାଲିଘାଟ ନିଲାମଧାରୀ ଗ୍ରୀନ ଟ୍ରିବ୍ୟୁନାଲ ଆଦେଶକୁ ପାଳନ ନ କରି ବେଆଇ ଭାବେ ବାଲି ଉତ୍ତୋଳନ କରୁଥିବା କୁହାଯାଉଛି । ଏପରିକି ନିଲାମଧାରୀମାନେ ସେହି ସ୍ଥାନରୁ କେତେ ବାଲି ଉତ୍ତୋଳନ କରୁଛନ୍ତି ତାହାର ମାସିକ ରିର୍ପୋଟ ସରକାରଙ୍କୁ ପ୍ରଦାନ କରିବା ନିୟମ ଥିବା ବେଳେ ଖଣି ବିଭାଗ ଅଧିକାରୀ ସେହିସ୍ଥାନ ପରିଦର୍ଶନ କରି ନିୟମ ଅନୁଯାୟୀ ବାଲି ଉତ୍ତୋଳନ ହେଉଛି ନା ନାହିଁ ତଦନ୍ତ କରିବା କଥା । ମାତ୍ର ତାହା ହେଉ ନ ଥିବାରୁ ନିଲାମଧାରୀମାନେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ବାଲି ଚୋରି କରି ମାଲାମାଲ ହେଉଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଖଣି ଉପନିର୍ଦ୍ଦେଶଙ୍କୁ ଫୋନ ଯୋଗ ଯୋଗାଯୋଗ କରାଯାଇଥିଲା । ତେବେ ସେ ଫୋନ ଉଠାଇ ପରେ କାଟି ଦେଇଥିଲେ । ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।



## ଏମ୍‌ଏସ୍‌ଏମ୍‌ଇ କମିସନରଙ୍କ କେନ୍ଦ୍ରାପଡ଼ା ଗସ୍ତ

# ଦ୍ୱିତୀୟ ଦିବସରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା

କେନ୍ଦ୍ରାପଡ଼ା,୨୦।୩(ସମିସ)



ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ କମିସନର ତଥା ସଚିବ ଶ୍ରୀମତୀ ରଶ୍ମିତା ପଣ୍ଡାଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ବିଭିନ୍ନ ସରକାରୀ ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ରସ୍ତରୀୟ ସମୀକ୍ଷା କରିଥିଲେ। ସେ ବିଭିନ୍ନ ସ୍ଥାନ ପରିଦର୍ଶନ କରି ପର୍ଯ୍ୟଟନ, ସ୍ୱାସ୍ଥ୍ୟ, କ୍ରୀଡ଼ା, ଜୀବିକା ସୃଷ୍ଟି ଓ କୌଶଳ ବିକାଶ ମାଧ୍ୟମରେ ଚାଲୁଥିବା ପ୍ରକଳ୍ପର ପ୍ରଗତିକୁ ଅନୁଧ୍ୟାନ କରିଥିଲେ। ସେ ବଳଦେବଜୀଉ ମନ୍ଦିର ପରିକ୍ରମା ପ୍ରକଳ୍ପ ପରିଦର୍ଶନ କରିଥିଲେ। ଯାହା ଜିଲ୍ଲାର ପର୍ଯ୍ୟଟନ ଉନ୍ନୟନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପରେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡ ବୁଲି ଦେଖି ରୋଗୀ ସେବା, ଆଧାରଭୂତ ସୁବିଧା ଓ ପରିଚାଳନା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏହାପରେ ସେୱାନ୍ ଷ୍ଟପ୍ ସେଣ୍ଟର ପରିଦର୍ଶନ କରି ମହିଳା ସୁରକ୍ଷା ଓ ସହାୟତା ସେବାର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ଅବଗତ ହୋଇଥିଲେ। ପରବର୍ତ୍ତୀ ସମୟରେ ବହୁମୁଖୀ ଇନଡୋର ଷ୍ଟାଡିୟମ୍ ଯାଇ କ୍ରୀଡ଼ା ଅବସ୍ଥାପନାର ଉନ୍ନତି କାମ ନିରୀକ୍ଷଣ କରିଥିଲେ। ଗ୍ରାମୀଣ ଜୀବିକା କ୍ଷେତ୍ରରେ ସେ କପାଳେଶ୍ୱର ପଞ୍ଚାୟତର ଗୋଲ୍ଡେନ୍ ଗ୍ରାସ୍ ପ୍ରକଳ୍ପ ପରିଦର୍ଶନ କରିଥିଲେ। ମିଶନ ଶକ୍ତି ଓ ରୁରାଲ୍ ଇଣ୍ଡଷ୍ଟ୍ରିଆଲ୍ କ୍ଲଷ୍ଟର୍ସ ଅଧୀନରେ ଚାଲୁଥିବା ଏହି ପ୍ରୟାସ ମାଧ୍ୟମରେ ସ୍ଥାନୀୟ ମହିଳାଙ୍କ ଜୀବିକା ସୃଷ୍ଟି ଓ ସ୍ୱାବଲମ୍ବନରେ ବୃଦ୍ଧି ଘଟୁଥିବାରୁ ସେ ସନ୍ତୋଷ ପ୍ରକାଶ କରିଥିଲେ। ପରେ କୌଶଳ ବିକାଶ ଓ ନିଯୁକ୍ତି କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିବା ଯୁବକଙ୍କ ସହ ଆଲୋଚନା କରି ସେ ସ୍ୱଙ୍ଗ କାର୍ଯ୍ୟକ୍ରମର ପ୍ରଗତି ନିରୀକ୍ଷଣ କରିଥିଲେ। ଏହି ଯୋଜନା ଯୁବକଙ୍କ ମଧ୍ୟରେ ଉଦ୍ୟମିତା ଓ ସ୍ୱଙ୍ଗ ରୋଜଗାରକୁ ପ୍ରୋତ୍ସାହନ ଦେଉଥିବାରୁ ସେ ଏହାକୁ ଅଧିକ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ଉପଦେଶ ଦେଇଥିଲେ। ଶେଷରେ ସର୍କିଟ୍ ହାଉସରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲାର ବିଭିନ୍ନ ପ୍ରମୁଖ ଯୋଜନା ଓ ଉନ୍ନୟନ କାର୍ଯ୍ୟର ସମଗ୍ର ପରିସ୍ଥିତି ଉପରେ ଆଲୋଚନା ହୋଇଥିଲା। ଜିଲ୍ଲାସ୍ତରୀୟ ଅଧିକାରୀ ଓ ସମ୍ପୃକ୍ତ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ପଖାଳ ପରବ

କେନ୍ଦ୍ରାପଡ଼ା,୨୦।୩(ସମିସ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଡେରାବିଶ ପଞ୍ଚାୟତ ସମିତି ଅନ୍ତର୍ଗତ ଓସ୍ୱାନ ହଲରେ ଜିଲ୍ଲାସ୍ତରୀୟ ବିଶ୍ୱ ପଖାଳ ପାଳିତ ହୋଇଯାଇଛି। ଓଡ଼ିଆ ରାଜ୍ୟର ଅପରିହାର୍ଯ୍ୟ ଅଂଶ "ପଖାଳ"କୁ କେନ୍ଦ୍ର କରି ଆୟୋଜିତ ଏହି ପରବ ଓଡ଼ିଶାର ଖାଦ୍ୟ ପାରମ୍ପରିକତାକୁ ପୁନଃ ସ୍ମରଣ କରାଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜୀମୁର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଡେରାବିଶ ବିଡିଓ ନମିତା ବାରିକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶିବମ ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ବେହୁରାଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ୨୦୧୧ରୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ପଖାଳ ଦିବସ ଭାବେ ପାଳନ କରାଯାଉଛି। ଗ୍ରୀଷ୍ମଋତୁରେ ଶରୀରକୁ ଶୀତଳତା ଦେବା ସହିତ ସ୍ୱାସ୍ଥ୍ୟକର ଓ ସହଜପାଚ୍ୟ ଖାଦ୍ୟ ଭାବେ ପଖାଳର ଗୁରୁତ୍ୱ ଅପରିମିତ। ଏହା ଓଡ଼ିଶାର ପାରମ୍ପରିକ ଖାଦ୍ୟ ସଂସ୍କୃତିର ଏକ ପ୍ରତୀକ ଭାବେ ପରିଚିତ। ବିଶ୍ୱ ପଖାଳ ଦିବସ କେବଳ ଏକ ଖାଦ୍ୟ ଉତ୍ସବ ନୁହେଁ, ବରଂ ଓଡ଼ିଆ ସଂସ୍କୃତି, ପାରମ୍ପରିକତା ଓ ଜୀବନଶୈଳୀର ଗୌରବକୁ ପ୍ରକାଶ କରୁଥିବା ଏକ ଗର୍ବନୀୟ ଅବସର ଭାବେ ପରିଚିତ ହୋଇଛି ବୋଲି ମତ ପ୍ରକାଶ ପାଇଛି।

## ୩ ପଥର ବୋଝେଇ ହାଇୱା ଜବତ

ରାଜକନିକା,୨୦।୩(ସମିସ): କନିକା ତହସିଲ ଅଞ୍ଚଳରେ ବେଆଇନ ଭାବେ ବାଲି, ମାଟି ଓ ପଥର ଚାଲାଣ ହେଉଥିବାବେଳେ ତହସିଲ ପକ୍ଷରୁ ଚଢ଼ଉ ହୋଇ ମଝିରେ ମଝିରେ କିଛି ଗାଡି ଜବତ କରିବା ନ୍ୟାୟରେ ଗତକାଲି ରାତିରେ ୩ଟି ପଥର ବୋଝେଇ ହାଇୱା ଜବତ ହୋଇଛି। ତହସିଲ ଓ ଥାନା ପକ୍ଷରୁ ଚଢ଼ଉ କରି ଜବତ ହାଇୱା ଅଟକ ରହିଛି। ତେବେ ଯେତେ ସବୁ ଗାଡ଼ି ଜବତ ହେଉଛି, ପୁଣି ଦିନେ ଦୁଇଦିନ ପରେ ସେହି ଗାଡ଼ିକୁ କିଭଳି କେଉଁ କାଗଜପତ୍ର ଦେଖି ପରେ ଛଡାଯାଉଛି, ତାହା ବିସ୍ମୟ ସୃଷ୍ଟି କରୁଛି। ତେବେ ଚଢ଼ଉର ଏଭଳି ତାମସା ପାଇଁ ରୀତିମତ ବେଆଇନ ଚୋରା ଚାଲାଣ ପୂର୍ବବତ ଜାରି ରହିଛି।

## ଜିଲ୍ଲା ଉପକାରାଗାରରେ ସୁଦର୍ଶନ କ୍ରିୟା ଶିବିର



କେନ୍ଦ୍ରାପଡ଼ା,୨୦।୩(ସମିସ): ଜିଲ୍ଲା ଉପକାରାଗାରରେ ଅନ୍ତେବାସୀଙ୍କ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାଶ ନିମନ୍ତେ ସୁଦର୍ଶନ କ୍ରିୟା ଓ ଯୋଗ ଶିବିର ଆୟୋଜିତ ହୋଇଛି। ଆର୍ଟ ଅଫ୍ ଲିଭିଂ ପକ୍ଷରୁ ପରିଚାଳିତ ଏହି କାର୍ଯ୍ୟକ୍ରମ ଅନ୍ତେବାସୀଙ୍କ ଜୀବନରେ ସକାରାତ୍ମକ ଓ ମନଶାନ୍ତି ଆଣିବାରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ ପରିଗଣିତ ହେଉଛି। ଯୋଗଗୁରୁ ଦୀପକ ମୁନାଙ୍କ ନେତୃତ୍ୱରେ ଏହି ଶିବିରରେ ଯୋଗ, ପ୍ରାଣାୟାମ ଓ ସୁଦର୍ଶନ କ୍ରିୟା ଅଭ୍ୟାସ କରାଯାଇଥିଲା। ଏହା ମାଧ୍ୟମରେ ଅନ୍ତେବାସୀଙ୍କୁ ମନ ନିୟନ୍ତ୍ରଣ, ଶାରୀରିକ ସୁସ୍ଥତା ଓ ଆତ୍ମବିକାଶର ମହତ୍ତ୍ୱ ବିଷୟରେ ସଚେତନ କରାଯାଇଥିଲା। ଯୋଗ ଗୁରୁ ଅଜୟ ରାଉତଙ୍କ ଦ୍ୱାରା ପଣ୍ଡିତ ରବିଶଙ୍କରଙ୍କ ସୁଦର୍ଶନ କ୍ରିୟା ଓ ପ୍ରାଣାୟାମ ପ୍ରଣାଳୀ ଅଭ୍ୟାସ କରାଯାଇଥିଲା। ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବାବେଳେ କାରାଗାର ଭିତରେ ଏପରି ସଂସ୍କାରମୂଳକ ପଦକ୍ଷେପ ଅନ୍ତେବାସୀଙ୍କ ଚେତନାରେ ଗଭୀର ପରିବର୍ତ୍ତନ ଆଣିବ ବୋଲି ଅନୁମାନ କରାଯାଉଛି। ଜେଲ୍ ଅଧୀକ୍ଷକ ସୁନୀଲ ପାତ୍ର, ସହକାରୀ ଅଧୀକ୍ଷକ ବିଭେନ୍ଦୁ ଭୂୟାଁ, ଉପସହକାରୀ ଅଧୀକ୍ଷକ ସୁକାନ୍ତ ରାଉତ, ଜମାଦାର ଆଜିଜୁଲ ମହମ୍ମଦ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଗତ ଡିସେମ୍ବର ମାସରେ ମଧ୍ୟ ପାଞ୍ଚଦିନିଆ ସୁଦର୍ଶନ କ୍ରିୟା ଶିବିର ଆୟୋଜିତ ହୋଇଥିଲା।

● ମହାକାଳପଡ଼ା ବ୍ଲକ୍ ପ୍ରଶାସନର ଅବହେଳା

## କାର୍ଯ୍ୟକାରୀ ହେଉନି ସୂଚନା କମିସନରଙ୍କ ନିର୍ଦ୍ଦେଶ

ମହାକାଳପଡ଼ା, ୨୦।୩(ସମିସ): ମହାକାଳପଡ଼ା ବ୍ଲକ୍ ପ୍ରଶାସନର କାର୍ଯ୍ୟ ପ୍ରଣାଳୀ ନେଇ ପୁନର୍ବାର ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଅଧିକାର ଆଇନ ଅନୁଯାୟୀ ଚାହିଁଥିବା ତଥ୍ୟ ପ୍ରଦାନ ନ କରିବା ଅଭିଯୋଗରେ ସୂଚନା କମିସନର କେତେକ ମାମଲାର ଶୁଣାଣି କରି ମହାକାଳପଡ଼ା ବ୍ଲକ୍‌ର ପ୍ରଥମ ଅପିଲ୍ କର୍ତ୍ତୃପକ୍ଷଙ୍କ ଉପରେ ୨୫,୦୦୦ ଟଙ୍କା ଜରିମାନା ଲାଗୁ କରିଥିଲେ। ଏହି ନିର୍ଦ୍ଦେଶକୁ ତିନି ମାସରୁ ଅଧିକ ସମୟ ବିତିଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ସେହି ଜରିମାନା ରାଶି ଜମା କରାଯାଇନାହିଁ। ସୂଚନା କମିସନରଙ୍କ ନିର୍ଦ୍ଦେଶକୁ ଏଭଳି ଅବହେଳା କରାଯାଇଥିବାରୁ ପ୍ରଶାସନର ଦାୟିତ୍ୱବୋଧ ଉପରେ ପ୍ରଶ୍ନ ଉଠୁଛି। ଏଥିସହିତ ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ (ଫେଏଏ) ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ କରି ନିରବତା ପାଳନ କରାଯାଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏ ନେଇ ଉଚ୍ଚସ୍ତରୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି ଜୋର ଧରିଛି।

● ବାଲି ମାଫିଆଙ୍କ ଦୌରାତ୍ମ୍ୟ

## ଭାଙ୍ଗିଗଲା ୧୨ନଂ ଶାଖା ନାଳ ମୁହଁ

ଡେରାବିଶ, ୨୦।୩(ସମିସ): ଡେରାବିଶ ବ୍ଲକ ଅଞ୍ଚଳରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଚୋରା ବାଲି ନେଇ ଗାଁ ରାସ୍ତାରେ ଯାଉଥିବା ଭାରୀଯାନ ଯୋଗୁ ରାସ୍ତା ନଷ୍ଟ ହେବାକୁ ବସିଲାଣି। ଆଜି ଏକ ହାଇୱା ବାଲି ବୋଝେଇ କରି କେନ୍ଦ୍ରାପଡ଼ା କେନାଲ୍ ବନ୍ଧରେ ଯାଉଥିବାବେଳେ ବେପରୁଆ ଗାଡ଼ି ଚାଳନା ଓ ଆବଶ୍ୟକତାଠାରୁ ଅଧିକ ମାଲ ପରିବହନ କରୁଥିବାରୁ କେନ୍ଦ୍ରାପଡ଼ା କେନାଲ୍‌ରୁ ବାହାରିଥିବା ୧୨ନଂ ଶାଖା ନାଳମୁହଁ ସମ୍ପୂର୍ଣ୍ଣ ଧସିଯାଇଛି। ସୌଭାଗ୍ୟକୁ ହାଇୱାଟି ଦ୍ରୁତଗତିରେ ପଳାଇଯିବାରୁ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା। ଏହି ବେଆଇନ ବାଲି ଚାଲାଣ ଯୋଗୁଁ ଗ୍ରାମାଞ୍ଚଳର ସମସ୍ତ ରାସ୍ତା ନଷ୍ଟ ହୋଇଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ବେଆଇନ ବାଲି ଚାଲାଣକାରୀଙ୍କ ଉପରେ ରୋକ ଲଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଏମ୍‌ଏନ୍ ହାଇସ୍କୁଲରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ପଟ୍ଟାମୁଣ୍ଡାଇ,୨୦।୩(ସମିସ): ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲ ଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବିଡିଓ ଶୀତଲ ଅଗ୍ରୱାଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ବେହୁରା, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ଖଣତା ସରପଞ୍ଚ ଅନୀଲ ଲେଙ୍କା, ବାଛରା ସରପଞ୍ଚ ରଂଜିତା ସାହୁ, ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ, ବଡ଼ମୂଳବସନ୍ତ ସମିତି ସଭ୍ୟା ସ୍ମୃତିମୟୀ ମଲିକ ଓ ନରସିଂହପୁର ସମିତି ସଭ୍ୟା ରାଜଶ୍ରୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନେ ସଶକ୍ତ ହେଲେ ଦେଶ ଓ ରାଜ୍ୟର ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ବିଏସଏସଓ ସୁଧାଂଶୁ ପ୍ରଧାନ ସ୍ୱାଗତ ଭାଷଣ, ଅମ୍ବିକା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ଧନ୍ୟବାଦ ଦେଇଥିଲେ। ଶିବିରରେ ଅସ୍ଥିଶଲ୍ୟ, ଶିଶୁ, ମାନସିକ ରୋଗ, ଚକ୍ଷୁ, ଅସ୍ତ୍ରୋପଚାର ଆଦି ବିଭିନ୍ନ ବିଭାଗରେ ୨୬୯ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୨୧୬ ଜଣଙ୍କୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରେ ମାନସିକ ବିକାରଗ୍ରସ୍ତ ୩୭, ଦୃଷ୍ଟି ବାଧିତ ୨୫, ଶ୍ରବଣବାଧିତ ୩୦, ଅସ୍ଥିଶଲ୍ୟ ୯୮ ଓ ଶିଶୁ ୨୬ ଜଣ ସାମିଲ ଥିଲେ। ଶିଶୁରୋଗ ବିଶେଷଜ୍ଞ ଡା ରଶ୍ମିରଞ୍ଜନ ମହାନ୍ତି, ଅସ୍ଥିଶଲ୍ୟ ବିଭାଗ ଡା ସତ୍ୟପ୍ରକାଶ ମହାପାତ୍ର ଓ ଅଭିଷେକ ଦ୍ୱିବେଦୀ, ଭେଷଜ ବିଭାଗ ଡା ସଂଜିତ ସେଠୀ ଓ ଡା ସରୋଜ ପୃଷ୍ଟି, କର୍ଣ୍ଣ ନାଶା ଗଳା ବିଶେଷଜ୍ଞ ଡା ଅସିତ ବିଶ୍ୱାଳ, ଚକ୍ଷୁ ରୋଗ ବିଶେଷଜ୍ଞ ଡା ସତ୍ୟସୁନ୍ଦର ବିଶ୍ୱାଳ ଓ ମାନସିକ ରୋଗ ବିଶେଷଜ୍ଞ ଡା ସଚ୍ଚିଦାନନ୍ଦ ନାୟକ, ଅଡିଓଲଜିଷ୍ଟ ଚନ୍ଦନ ବେହେରା, ଅସ୍ଥିଶଲ୍ୟ ସହକାରୀ ସତ୍ୟବ୍ରତ ଜେନା, ସାଇକୋଲଜିଷ୍ଟ ସ୍ୱପ୍ନା ମଞ୍ଜରୀ ଦାଶ, କ୍ଲିନିକାଲ ସାଇକୋଲଜିଷ୍ଟ ଶ୍ରଦ୍ଧାଞ୍ଜଳି ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଶିବିରକୁ ପଟ୍ଟାମୁଣ୍ଡାଇ ବ୍ଲକ ବିଏସଏସଓ ସୁଧାଂଶୁ ପ୍ରଧାନ, କାର୍ଯ୍ୟକ୍ରମ ସହାୟକ ଅମ୍ବିକା ମହାନ୍ତି, ପିଇଓ ଅନନ୍ତ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ନିଆଁରେ ପୋଡ଼ିହୋଇ ମହିଳା ଗୁରୁତର

ରାଜନଗର, ୨୦।୩(ସମିସ): ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରାଜେନ୍ଦ୍ରନଗର ଗାଁର ୫୫ ବର୍ଷୀୟ ମହିଳା ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ତାଙ୍କ ଶରୀରର ୫୦ ପ୍ରତିଶତରୁ ଅଧିକ ପୋଡ଼ିଯାଇଛି। ମହିଳା ରାତି ୪ଟା ବେଳେ କିପରି ପୋଡିହେଲେ ତାହା ସନ୍ଦେହ ବଢାଇଛି। ମହିଳାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଛି। ସୁଧାଂଶୁ ମଣ୍ଡଳଙ୍କ ପତ୍ନୀ କାବେରୀ ମଣ୍ଡଳଙ୍କ ଦେହରେ ରାତି ପ୍ରାୟ ୪ଟା ବେଳେ ନିଆଁ ଲାଗିଯାଇଥିଲା। ଘର ପଛପଟେ ଥିବା କୁଟା ଗଦାରେ ନିଆଁ ଲାଗିଥିବାବେଳେ କାବେରୀ ପୋଡି ହୋଇଯାଇଛନ୍ତି। ଭୋରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାବେରୀଙ୍କୁ ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଥିଲା। କାବେରୀ ନିଜେ ପୋଡି ହୋଇଛନ୍ତି ନା ତାଙ୍କୁ ଯୋଜନାବଦ୍ଧ ଭାବେ ପୋଡି ମାରିବା ପାଇଁ ଯୋଜନା କରାଯାଇଥିଲା, ତାହା ପୁଲିସ ତଦନ୍ତ କଲେ ଜଣାପଡ଼ିବ।

## ବେଆଇନ ଚିଙ୍ଗୁଡ଼ିଘେରି ଭଙ୍ଗା ଆରମ୍ଭ

ରାଜନଗର, ୨୦।୩(ସମିସ): ଭିତରକନିକା ଜାତୀୟ ଉଦ୍ୟାନ ଆଇନ, ଭିତରକନିକା ଅଭୟାରଣ୍ୟ ଆଇନକୁ ଉଲ୍ଲଂଘନ କରାଯାଇ ନଦୀ କୂଳେ କୂଳେ ଏପରିକି ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ଚିଙ୍ଗୁଡିଘେରି ନିର୍ମାଣ ହୋଇଛି। ଦୀର୍ଘଦିନର ନୀରବତା ପରେ ଆଜିଠାରୁ ବେଆଇନ ଚିଙ୍ଗୁଡି ଘେରି ଭଙ୍ଗା ପ୍ରକ୍ରିୟା ଆରମ୍ଭ ହୋଇଛଇ। ପ୍ରଥମ ଦିନରେ ରାଜନଗର ଲୁଣାଜଙ୍ଗଲ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ କନିକା ରେଞ୍ଜର ପଟାପାରିଆ ଅଞ୍ଚଳରୁ ଘେରି ଭଙ୍ଗା ଆରମ୍ଭ କରାଯାଇଛି। ପ୍ରଥମ ଦିନରେ ୧୨ ଜଣଙ୍କ ୨୦ଟି ଚିଙ୍ଗୁଡି ଘେରି ଭଙ୍ଗାଯାଇଛି। ଏସିଏଫ ମାନସ ଦାସଙ୍କ ନେତୃତ୍ୱରେ ବନ ବିଭାଗ ଟିମ ଜେସିବି ଓ ଲୋକଙ୍କ ମାଧ୍ୟମରେ ଘେରି ଭାଙ୍ଗିଛନ୍ତି। ପ୍ରଥମ ଦଫାରେ ପଟାପାରିଆ ବିଟ ଅଞ୍ଚଳରେ ଥିବା ୭୨ ଜଣଙ୍କୁ ବେଆଇନ ଘେରି ହଟାଇ ନେବାକୁ ନୋଟିସ ଦିଆଯାଇଥିଲା। ନୋଟିସ ଅବଧି ସରିବା ପରେ ଆଜି ୧୨ ଜଣଙ୍କ ୨୦ଟି ଘେରି ଭଙ୍ଗାଯାଇଛି।

## ଶିରିଡ଼ି ସାଇବାବାଙ୍କ ଯଜ୍ଞ



ପଟ୍ଟାମୁଣ୍ଡାଇ,୨୦।୩(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ବାଲିପଡ଼ା ଗ୍ରାମ ଗୋଲାଉପର ଶିରିଡ଼ି ସାଇବାବା କମିଟି ପକ୍ଷରୁ ୩ ଦିନ ବ୍ୟାପି ଅଖଣ୍ଡ ଧ୍ୱନି ଓ ଯଜ୍ଞ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶିରିଡ଼ି ସାଇଙ୍କ ଯଜ୍ଞରେ ପୌରାଞ୍ଚଳ ଓ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟକ ଭକ୍ତ ଯୋଗଦେଇଥିଲେ। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ମୁଖ୍ୟଅତିଥି, ଯୁବ ନେତା ମିଟୁ ମନୋଜ ନାୟକ, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ଉପେନ୍ଦ୍ର ନାୟକ, ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମ ମୁରବି ଶତ୍ରୁଘ୍ନ ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରାଜେଶ ବାରିକ, ଦେବାଶିଷ ତ୍ରିପାଠୀ, ସୁରେନ୍ଦ୍ର ପରିଡା, ମନୋଜ ଖଣ୍ଡାଇ, ଦିବ୍ୟଜ୍ୟୋତି ପାତ୍ର, ସୁରେନ୍ଦ୍ର ରାଉତ, ସତ୍ୟଜିତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ

ରାଜନଗର,୨୦।୩(ସମିସ): ମହିଷାସୁରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଇଛି। ପ୍ରଧାନ ଆଚାର୍ଯ୍ୟ ସୁଲେଖ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହିଷାସୁର ବାୟାବାବା ଆଶ୍ରମ ମହନ୍ତ ସାଧୁ କେଦାର ବିଶ୍ୱାଳ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷର ମହତ୍ତ୍ୱ ଓ ଏହି ଦିନର ମାହାତ୍ମ୍ୟ ବିଷୟରେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ପ୍ରଥମେ ଶିଶୁ ମନ୍ଦିରର ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁଷ୍ପଚନ୍ଦନ ଦିଆଯାଇ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଗୁରୁଜୀ ବିଭୂତି ଲେଙ୍କା, କୈଳାସ ଜେନା, ଗୁରୁମା ପ୍ରଣତୀ ସ୍ୱାଇଁ, ସ୍ୱପ୍ନା ସାହୁ, ଶୁଭଶ୍ରୀ ଲେଙ୍କା, କବିତା ବାରିକ, ସଂଗୀତା ସାହୁ, ସୁଦୀପତା ନାୟକ, ଦେବାଞ୍ଜଳି ପରିଡ଼ା, ଜ୍ୟୋତିର୍ମୟୀ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ଆଇନ ସଚେତନତା ଶିବିର

# ମହିଳା ସୁରକ୍ଷା, ସଶକ୍ତିକରଣ ଓ ଶିଶୁ ସୁରକ୍ଷା ଉପରେ ଗୁରୁତ୍ୱ




କେନ୍ଦ୍ରାପଡ଼ା,୨୦।୩(ସମିସ): ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଡେରାବିଶ ବ୍ଲକ୍ ଅନ୍ତର୍ଗତ ସଂସ୍କୃତି ଭବନରେ ବ୍ଲକ୍‌ସ୍ତରୀୟ ଆଇନ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ମହିଳା ଓ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଆଇନ ଜ୍ଞାନ ପ୍ରସାର, ସଚେତନତା ବୃଦ୍ଧି କରିବା ଏହି ଶିବିରର ମୁଖ୍ୟ ଲକ୍ଷ୍ୟ ଥିଲା। ଓଡ଼ିଶା ରାଜ୍ୟ ମହିଳା ଆୟୋଗର ସଦସ୍ୟା ଡା. କଳ୍ପନା ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାଙ୍କ ଅଧିକାର, ସୁରକ୍ଷା ଓ ସଶକ୍ତିକରଣ ନେଇ ବିସ୍ତୃତ ଆଲୋଚନା କରିଥିଲେ। ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷା ସ୍ୱାଗତିକା ପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ବରିଷ୍ଠ ଓକିଲ ଭୀମସେନ ଭୂୟାଁ ଓ ସିଡିପିଓଙ୍କ ସହ ଅନ୍ୟ ଅଧିକାରୀ ଯୋଗ ଦେଇଥିଲେ। ଶିବିରରେ ଅଙ୍ଗନବାଡି କର୍ମୀ, ଅଙ୍ଗନବାଡ଼ି ସହାୟିକା, ଆଶା କର୍ମୀ, କିଶୋରୀ, ପଞ୍ଚାୟତିରାଜ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂସ୍ଥାର ସଦସ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମହିଳା ନିର୍ଯାତନା ବିରୋଧୀ ଆଇନ, ଶିଶୁ ସୁରକ୍ଷା ବିଧିବିଧାନ, ସରକାରୀ ସହାୟତା ଯୋଜନା ଓ ହେଲ୍‌ପଲାଇନ୍ ସେବା ସମ୍ପର୍କରେ ଅତିଥିମାନେ ସଚେତନତା ସୃଷ୍ଟି କରିଥିଲେ। ଏହି ଶିବିର ମାଧ୍ୟମରେ ମହିଳା ଓ ଶିଶୁ ସୁରକ୍ଷା ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇବା ସହିତ ସମାଜରେ ଏକ ସୁରକ୍ଷିତ ଓ ସଶକ୍ତ ପରିବେଶ ଗଢ଼ି ତୋଳିବାରେ ଏହା ଏକ ସାର୍ଥକ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି।

● ବାଲି ବେପାରକୁ ନେଇ ତୁମୁଳକାଣ୍ଡ

## ମାଫିଆଙ୍କ ଯୋଗୁଁ ୫ ଘଣ୍ଟା ରାସ୍ତା ଅବରୋଧ



ପଞ୍ଚୁପାଣ୍ଡବ,୨୦।୩(ସମିସ): ଡେରାବିଶ ତହସିଲ ଅଧୀନରେ ଥିବା ବିଭିନ୍ନ ବାଲି ଘାଟକୁ ନେଇ ତେଜୁଛି ବିବାଦ। ପ୍ରତିଦିନ ବିଭିନ୍ନ ବାଲି ଘାଟରୁ ଟ୍ରାକ୍ଟର ଓ ହାଇୱାରେ ଯାଉଥିବା ବେଆଇନ ବାଲି ଚାଲାଣକୁ ପ୍ରଶାସନ ଜବତ କରିଥିଲେ ସୁଦ୍ଧା ବାଲି ମାଫିଆ ବେଫିକର ବେପାର କରୁଥିବା ଦେଖିବାକୁ ମିଳୁଛି। ବରୀ ବ୍ଲକ ମହାକାଡପଡ଼ା ବାଲି ଘାଟରୁ କେନ୍ଦ୍ରାପଡ଼ା ଜିଲ୍ଲାକୁ ବାଲି ବେପାର କରୁଥିବା ବେପାରୀଙ୍କୁ କେନ୍ଦ୍ରାପଡ଼ାର ବାଲି ବେପାରୀ ବିରୋଧ କରୁଥିବା ଅଭିଯୋଗ ହେଉଛି। ଶୁକ୍ରବାର ସକାଳେ ଛୋଟି ପଟରୁ ଏକ ହାଇୱାରେ ବାଲି ଆସୁଥିବାବେଳେ ଅନ୍ୟ ଗୋଷ୍ଠୀର ବାଲି ମାଫିଆ ଗାଡ଼ି କାଚ ଭାଙ୍ଗିବା ସହ ଚାଳକ ସହ ଯୁକ୍ତିତର୍କ କରି ବାଲି ଅଲୋଡ କରିବା ପାଇଁ ଧମକ ଦେଇଥିବା ଅଭିଯୋଗ ହେଉଛି। ଚାଳକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ନୋଳସାହି ରାଇସ ମିଲ ନିକଟ ଛୋଟି ରାସ୍ତା ମଝିରେ ବାଲି ଆଲୋଡ଼ କରି ପଳାଇ ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଫଳରେ ଏହି ରାସ୍ତା ପ୍ରାୟ ପାଞ୍ଚ ଘଣ୍ଟା ଧରି ଅବରୋଧ ହୋଇଥିବାବେଳେ ପ୍ରଶାସନିକ ଅଧିକାରୀଙ୍କୁ ଖବର ଦେଇଥିଲେ ସୁଦ୍ଧା କେହି ରାସ୍ତା ଅବରୋଧ ହଟାଇବା ପାଇଁ ଆସି ନ ଥିଲେ। ସ୍ଥାନୀୟ ଗ୍ରାମର ଲୋକେ ଏକ ମନ୍ଦିର ପାଇଁ ବାଲି ନେଇଯାଇଥିବା ସୂଚନା ମିଳିଛି। ଡେରାବିଶ ତହସିଲ ଅଧୀନରେ ଥିବା ବିରୂପା ନଦୀର ବେଣୀପୁର ଓ ମଙ୍ଗଳପୁର ଘାଟରେ ବେଆଇନ ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯାଇ ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପଟ୍ଟାମୁଣ୍ଡାଇ ମହିଳା କଲେଜରେ ଆଲୋଚନାଚକ୍ର



ପଟ୍ଟାମୁଣ୍ଡାଇ,୨୦।୩(ସମିସ): ପଟ୍ଟାମୁଣ୍ଡାଇ ମହିଳା ସ୍ନାତକ ମହାବଦ୍ୟାଳୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ରୀଧର ବେହେରା ପୌରୋହିତ୍ୟ କରି ଆଧୁନିକ ସାହିତ୍ୟ ସମାଜର ସବୁ ବର୍ଗର କଥାକୁ କବିତା, ଗଳ୍ପ ଓ ଉପନ୍ୟାସ ବିଭାଗ କିପରି ଚମତ୍କାର ଶୈଳୀରେ ପରିବେଷଣ କରିଛି, ସେ ସମ୍ପର୍କରେ କହିଥିଲେ। ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଡ. ରାଜଲକ୍ଷ୍ମୀ ମହାନ୍ତି ଅଧିବେଶନକୁ ଉଦଘାଟନ କରି ଛାତ୍ରୀଙ୍କୁ ଅଧ୍ୟୟନର ବିକଳ୍ପ ନାହିଁ ବୋଲି ପରାମର୍ଶ ଦେଇଥିଲେ। ସାହିତ୍ୟିକ ତଥା ପ୍ରାକ୍ତନ ଅଧ୍ୟକ୍ଷ ସର୍ବେଶ୍ୱର ସେଣ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ କିପରି ସାମାଜିକ ଜୀବନ ସହ ଜଡ଼ିତ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଅନୁପମା ଦାସ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସ୍ୱାଗତିକା ମହାନ୍ତି ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ବିଷୟ ବିଶେଷଜ୍ଞ ଭାବେ ଶ୍ରୀଶ୍ରୀ ବାୟାବାବା ମହାବିଦ୍ୟାଳୟର ଅଧ୍ୟାପକ ଡ. ରାଜେଶ ସେଠୀ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ନିଃସଙ୍ଗ ମଣିଷର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ତୁଳସୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ. ଆଶୁତୋଷ ରାଉତ ଯୋଗଦେଇ ଓଡ଼ିଆ ଆଦିବାସୀ ଉପନ୍ୟାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ମୁଖ୍ୟଅତିଥି ସର୍ବେଶ୍ୱର ସେଣଙ୍କୁ ଜୀବନବ୍ୟାପି ସାହିତ୍ୟ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ ମୁଖ୍ୟ ଆଲୋଚକ ଡ. ମହାନ୍ତି ଓ ବିଷୟ ବିଶେଷଜ୍ଞ ଡ. ସେଠୀ, ଡ. ରାଉତଙ୍କୁ ଯୁବ ସାହିତ୍ୟିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଧ୍ୟାପିକା ଶୁଭଶ୍ରୀ ପ୍ରିୟଦର୍ଶିନୀ ତରାଇ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ପ୍ରତିଭାମୟୀ ଦାସଙ୍କ ସଂଯୋଜନାରେ ଆୟୋଜିତ ଉଦଯାପନୀ ଅଧିବେଶନକୁ ଇତିହାସ ବିଭାଗ ମୁଖ୍ୟ ରମେଶ ଦେଠୀ, ଅଧ୍ୟାପିକା ଜ୍ୟୋତିର୍ମୟୀ ଦାସ, ରତିରଞ୍ଜନ ନାୟକ, ସୁକାନ୍ତ ନାଥ, ଅମିତ୍ ନାୟକ ପରିଚାଳନା କରିଥିଲେ।

## ସରପଞ୍ଚଙ୍କ ସ୍ୱାମୀ ପିଇଓଙ୍କୁ ମାଡ଼ ମାରିବା ଘଟଣାର ନୂଆ ମୋଡ଼

# ପିଇଓଙ୍କ ବିରୋଧରେ ବିଡିଓଙ୍କୁ ଫେରାଦ ହେଲେ ପଞ୍ଚାୟତ ପ୍ରତିନିଧି

ମହାକାଳପଡ଼ା,୨୦।୩(ସମିସ)




ଭତ୍ତା ଟଙ୍କା କ୍ୟାସବୁକ୍‌କୁ ନେଇ ଜଣେ ପିଇଓଙ୍କୁ ସରପଞ୍ଚଙ୍କ ସ୍ୱାମୀ ମାଡ଼ ମାରିଥିବା ନେଇ ପିଇଓ ନ୍ୟାୟ ପାଇଁ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରି ରିପୋର୍ଟ ଦାଖଲ ପାଇଁ ଜିପିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ବିଡିଓ। ତଦନ୍ତ ନିର୍ଦ୍ଦେଶ ଦେବାର ୪ ଦିନ ପରେ ପଞ୍ଚାୟତର ସରପଞ୍ଚ, ନାଏବ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ/ସଭ୍ୟା ପିଇଓଙ୍କ ବିରୋଧରେ ଲମ୍ବା ଅଭିଯୋଗ ନେଇ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାଜଗଡ଼ ପଞ୍ଚାୟତର ଅଗ୍ରୀମ ଭତ୍ତା ଟଙ୍କାକୁ ନେଇ ସୂଚନା ଅଧିକାର ଆଇନରେ ତଥ୍ୟ ସାମ୍ନାକୁ ଆସିବା ପରେ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଭତ୍ତା ଟଙ୍କା କ୍ୟାସବୁକ୍‌କୁ ନେଇ ସରପଞ୍ଚ ମମତା ସାମଲଙ୍କ ସ୍ୱାମୀ ଅଶୋକ ମହାପାତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ମାଡ଼ ମାରିଥିବା ନେଇ ପିଇଓ ମୃତ୍ୟୁଞ୍ଜୟ ରାଉତ ୧୩ ତାରିଖରେ ମହାକାଳପଡ଼ା ବିଡିଓଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଜିପିଡିଇଓଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ବିଡିଓ ୧୬ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ତେବେ ୪ ଦିନ ପରେ ଏବେ ଆଉ ନୂଆ ଘଟଣା ଘଟିଛି। ସରପଞ୍ଚ, ନାଏବ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ/ସଭ୍ୟା ଆଜି ପିଇଓଙ୍କ ବିରୋଧରେ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ମୃତ୍ୟୁଞ୍ଜୟ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସୁ ନ ଥିବା, ମଦ୍ୟପାନ କରି ଆସିବା, ଜନସାଧାରଣଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା, ଭତ୍ତା ବଣ୍ଟନରେ ଅବହେଳା, ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ ଓ ନୂତନ ରାସନ୍ କାର୍ଡ କରାଇବା ପାଇଁ ହିତାଧିକାରୀଙ୍କଠାରୁ ଉତ୍କୋଚ ନେବା, ୱାର୍ଡ ସଭ୍ୟ/ସଭ୍ୟାଙ୍କ ମାସିକ ଭତ୍ତା ଟଙ୍କା ନିଜ ପାସ୍ ବୁକ୍‌କୁ ନେଇ ଦୁଇ/ତିନି ମାସ ପରେ ସେମାନଙ୍କୁ ପ୍ରଦାନ କରିବା ଓ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ଅସହଯୋଗ କରୁଥିବା ଭଳି ଅଭିଯୋଗ ନେଇ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରି ଅଭିଯୋଗର ସତ୍ୟାସତ୍ୟ ଅନୁସନ୍ଧାନ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପଞ୍ଚାୟତକୁ ଆଉଜଣେ ନୂତନ ପିଇଓଙ୍କୁ ଦାୟିତ୍ୱ ଦେବାକୁ ସେମାନେ ଦାବି କରିଥିବା ଜଣାପଡ଼ିଛି।

## କମ୍ପାନୀ ପାଚେରି ନିର୍ମାଣକୁ ବିରୋଧ

# ଚାଲିଥିବା ଧାରଣା ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ପାରାଦୀପ,୨୦।୩(ସମିସ)

ଦୀର୍ଘ ୧୦ ଦିନ ଧରି ଆସେଲର ମିତ୍ତଲ ନିପ୍ପନ ଷ୍ଟିଲ ପାଚେରି ନିର୍ମାଣକୁ ବରୋଧ କରି ଚାଲିଥିବା ଧାରଣା ଆଜି ପ୍ରତ୍ୟାହୃତ ହୋଇଛି। ଆଜି ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ଏନେଇ ଏକ ଆଲୋଚନା ହୋଇଥିଲା। ଯେଉଁଥିରେ ପାରାଦୀପ ଏଡିଏମ୍ ନିରଞ୍ଜନ ବେହେରା, ଏଏସ୍‌ପି ସ୍ମୃତିରଞ୍ଜନ କର, ଲକ୍‌ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାସ ଓ ନୂଆଗଡ଼ ଗ୍ରାମର କିଛି ମୁରବୀ ଶ୍ରେଣୀୟ ଲୋକମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଲୋଚନାରେ ନିଷ୍ପତ୍ତି ଅନୁଯାୟୀ ୩/୪ ଦିନ ମଧ୍ୟରେ କମ୍ପାନୀକୁ ଜମି ଦେଇଥିବା ପରିବାର ଓ ସେମାନଙ୍କ ପରିବାରରେ କେତେଜଣ ଶିକ୍ଷିତ ଯୁବକ ଅଛନ୍ତି ସେମାନଙ୍କ ତାଲିକା ପ୍ରସ୍ତୁତ କରାଯାଇ ଏଡିଏମ୍‌ଙ୍କ ନିକଟରେ ଦାଖଲ କରିବେ। ସେ ସବୁ ଲିଷ୍ଟକୁ ତହସିଲଦାର ସମୀକ୍ଷା କରିବା ସହିତ ଆବଶ୍ୟକୀୟ ପଦକ୍ଷେପ ନେବେ। ନୂଆଗଡ଼ ଗ୍ରାମବାସୀଙ୍କ କହିବା ଅନୁଯାୟୀ ଦୀର୍ଘ ୧୯ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ହେଲା ସେମାନେ ଜମି ଦେଇଥିଲେ କମ୍ପାନୀକୁ, ହେଲେ ଜମି ବାବଦ କ୍ଷତିପୂରଣ ସହିତ ନିଜ ପିଲାଙ୍କୁ ଚାକିରି ଦେବାକୁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର କ୍ଷତିପୂରଣ ଓ ଚାକିରି ଦେବା ତ ଦୂରର କଥା, କମ୍ପାନୀ ଆରମ୍ଭ ହୋଇ ବିକ୍ରି ହୋଇଗଲାଣି। କିନ୍ତୁ ଏପର୍ଯ୍ୟନ୍ତ ନା ମିଳିଛି କ୍ଷତିପୂରଣ ନା ନିଜ ପିଲା ପାଇଛନ୍ତି ଚାକିରି। ଯାହାକୁ ନେଇ ଗତ ୧୦ ଦିନ ହେଲା ଧାରଣା ଦେଇ ପାଚେରି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଛନ୍ତି ଧାରଣାରେ ବସି ରହିଛନ୍ତି ନୂଆଗଡ ଗ୍ରାମର ୧୦ଟି ପରିବାର। ୨୦୦୬ ମସିହାରେ ଏହି ପରିବାର ଏସାର ଷ୍ଟିଲ କାରଖାନା ପାଇଁ କମ୍ପାନୀକୁ ଜମି ଦେଇଥିଲେ। ହେଲେ କମ୍ପାନୀ କର୍ତ୍ତୃପକ୍ଷ ଏହି ୧୦ଟି ପରିବାରଙ୍କୁ ଉଚିତ୍ କ୍ଷତିପୂରଣ ପ୍ରଦାନ କରିନାହାଁନ୍ତି। ଏପରିକି ଚୁକ୍ତି ଅନୁଯାୟୀ ସେମାନଙ୍କ ପିଲାମାନଙ୍କୁ ଚାକିରି ଦେବା ବଦଳରେ ଠିକାଦାର ଅଧୀନରେ କାମ କରାଇ ବାରମ୍ବାର ଛଟେଇ କରିଛନ୍ତି। ବର୍ତ୍ତମାନ ଏସାର ଷ୍ଟିଲ କାରଖାନାକୁ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଅଧିଗ୍ରହଣ କରି ନିଜର ପାଚେରି ନିର୍ମାଣ କରୁଛି। ଯାହାକୁ ସେମାନେ ବିରୋଧ କରିବା ସହିତ ଧାରଣା ଦେଇଛନ୍ତି। ଜମି ବାବଦ ଟଙ୍କା ସହିତ କମ୍ପାନୀରେ ସିଧାସଳଖ ନିଯୁକ୍ତି ନମିଳିଲେ ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଥିଲେ। ହେଲେ ଆଜି ୧୦ ଦିନ ପରେ ପାରାଦୀପ ଅତିରିକ୍ତ ଏସପି ଓ ଲକ୍ ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଯଦି ସେମାନେ ଆମର ଦାବି ତୁରନ୍ତ ପୂରଣ ନ କରିବେ ତେବେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ।



## ଆଇନଜୀବୀ ମହେଶ ମହାନ୍ତିଙ୍କୁ ନୀଳଚକ୍ର ପ୍ରତିଭା ସମ୍ମାନ



ତିର୍ତ୍ତୋଲ,୨୦।୩(ସମିସ): ତିର୍ତ୍ତୋଲ ଅଞ୍ଚଳର ବରିଷ୍ଠ ଆଇନଜୀବୀ ମହେଶ ଚନ୍ଦ୍ର ମହାନ୍ତିଙ୍କୁ ରାହାମା ଠାରେ ଆୟୋଜିତ ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ନୀଳଚକ୍ର ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ସମାଜସେବା ସହ ଆଇନ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ଜଗନ୍ନାଥ ସଂସ୍କୃତିର ରାଷ୍ଟ୍ରୀୟ ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ, ପୁରୀ ରାଧାମାଧବ ବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ ମହାରାଜ ଓ ସମାଜସେବୀ ଡ. ସୁନାକର ବେହେରା ପ୍ରମୁଖ ଆଇନଜୀବୀ ଶ୍ରୀ ମହାନ୍ତିଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଏହି ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ଜଗତସିଂହପୁର ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ରବୀନ୍ଦ୍ର ମହାନ୍ତି, ଆଇନଜୀବୀ ବୀରନାରାୟଣ ପାତ୍ର, ଅଭିରାମ ବେହେରା, ଦେବାଶିଷ ଚୌଧୁରୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ସମ୍ମିଳନୀ



ଜଗତସିଂହପୁର,୨୦।୩(ସମିସ): ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସିଡିଏମ୍‌ଓ ଡାକ୍ତର ରାଜେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଜଗତସିଂହପୁର ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ସମ୍ମାନିତ ଅତିଥି, ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡିଶାର ବରିଷ୍ଠ ପରାମର୍ଶଦାତା ଡାକ୍ତର ସୁଶାନ୍ତ କୁମାର ନାୟକ ଯୋଗ ଦେଇଥିଲେ। ଡିପିଏମ ସୋନାଲି ପ୍ରିୟଦର୍ଶିନୀ, ଡାକ୍ତର ବାସନ୍ତୀ ପାଲ, ଭିବିଡି ପରାମର୍ଶଦାତା ତୃପ୍ତି ନାୟକ ଓ ମନୋରଞ୍ଜନ ମହାପାତ୍ର ଏପିଏମ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଆଶା ମ୍ୟାନେଜର ଅମିତା ପଣ୍ଡା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ଭୋଇ ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା ପାଇଁ ସମାଜର ସକ୍ରିୟ ସହଭାଗିତା ର ଆବଶ୍ୟକତା ରହିଛି ବୋଲି କହିଥିଲେ। ଗ୍ରାମ୍ୟ ସ୍ତରରେ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିମାନଙ୍କର ଭୂମିକା ସ୍ୱାସ୍ଥ୍ୟ ବ୍ୟବସ୍ଥାର ମୂଳ ଆଧାର। ସମସ୍ତଙ୍କ ସମନ୍ୱିତ ପ୍ରୟାସ ଦ୍ୱାରା ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ସୁଧାର, ପୋଷଣ ଜାଗୃକତା, ସମ୍ପୂର୍ଣ୍ଣ ଟିକାକରଣ ଓ ସ୍ୱଚ୍ଛତା ଅଭିଯାନକୁ ଆହୁରି ସକ୍ରିୟ କରାଯାଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମତ ବ୍ୟକ୍ତ କରିଥିଲେ। ସମ୍ମିଳନୀରେ ଅନ୍ୟ ଅତିଥିମାନେ ଯୋଗଦେଇ ସ୍ୱାସ୍ଥ୍ୟ ଯୋଜନାମାନଙ୍କର କ୍ରିୟାନ୍ୱୟନ, ଗ୍ରାମ୍ୟ ସ୍ତରରେ ସଚେତନତା ବୃଦ୍ଧି ଓ ସମିତିମାନଙ୍କର ସକ୍ରିୟତା ବୃଦ୍ଧି ବିଷୟରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରାୟ ୪୦୦ରୁ ଅଧିକ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ସରପଞ୍ଚ, ୱାର୍ଡ ସଦସ୍ୟ /ସଦସ୍ୟା, ଜନ ଆରୋଗ୍ୟ ସମିତି ସଦସ୍ୟ/ସଦସ୍ୟା, ମହିଳା ଆରୋଗ୍ୟ ସମିତି ସଦସ୍ୟା ଓ ବିଭିନ୍ନ ସ୍ୱାସ୍ଥ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ସେମାନଙ୍କ ସହ ମତବିନିମୟ ମାଧ୍ୟମରେ ଗ୍ରାମ୍ୟ ସ୍ୱାସ୍ଥ୍ୟ ସେବାରେ ଥିବା ଅସୁବିଧା ଓ ତାହାର ସମାଧାନ ବିଷୟରେ ଗଭୀର ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ୨୦୨୪-୨୫ ଓ ୨୦୨୫-୨୬ ବର୍ଷର ଶ୍ରେଷ୍ଠ ୧୦ଜଣ କାର୍ଯ୍ୟଦକ୍ଷ ଆଶାକର୍ମୀ ଓ ୧୬ଜଣ ଗାଁ କଲ୍ୟାଣ ସମିତି, ୧୬ଜଣ ଜନ ଆରୋଗ୍ୟ ସମିତି ଓ ପୌର ପରିଷଦର ୪୩ଜଣ ମହିଳା ଆରୋଗ୍ୟ ସମିତିର ସଦସ୍ୟାଙ୍କୁ ସମ୍ମାନିତ କରାଯାଇଥିଲା। ଏଥି ସହିତ ଏନ୍‌କ୍ୟୁଏସ୍‌ରେ ୧୦ ଜଣ, କାୟାକଳ୍ପରେ ୧୮ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ସ୍ୱାସ୍ଥ୍ୟ ସେବାକୁ ଆହୁରି ପ୍ରଭାବଶାଳୀ ଓ ଜନମୁଖୀ କରିବା ପାଇଁ ସଂକଳ୍ପ ଗ୍ରହଣ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସମନ୍ୱୟରେ କାର୍ଯ୍ୟକ୍ରମଟି ସୂଚାରୁରୂପେ ପରିଚାଳିତ ହୋଇଥିଲା। ଶେଷରେ ସୁଜାତା ପ୍ରିୟମ୍ବଦା ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ସମ୍ମିଳନୀ ମାଧ୍ୟମରେ ଜଗତସିଂହପୁର ଜିଲ୍ଲାରେ ଗ୍ରାମ୍ୟ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ ଓ ସମନ୍ୱିତ କରିବାରେ ଏକ ନୂତନ ପ୍ରୟାସ ଆରମ୍ଭ ହୋଇଥିଲା ବୋଲି ମତ ପ୍ରକାଶ ପାଇଥିଲା।

## ଜଗତସିଂହପୁରରେ 'ପଖାଳ ପରବ'



ଜଗତସିଂହପୁର,୨୦।୩(ସମିସ): ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ସ୍ୱରୂପ ଆଜି ଜଗତସିଂହପୁର ଜିଲ୍ଲାସ୍ତରୀୟ "ପଖାଳ ପରବ-୨୦୨୬' ବେଶ୍ ଧୁମଧାମରେ ପାଳିତ ହୋଇଯାଇଛି। ଓସ୍ୱନ୍ ଭିସି ହଲ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ। ପରେ ପରେ ଅତିରିକ୍ତ ଜିଲ୍ଲାପାଳ, ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ସାମୂହିକ ଭାବେ ପଖାଳ ସହିତ ବିଭିନ୍ନ ପ୍ରକାରର ପାରମ୍ପରିକ ଓଡ଼ିଆ ବ୍ୟଞ୍ଜନ ଗ୍ରହଣ କରିଥିଲେ। ଏଥିରେ ପୋହଳା ମାଛ ଭଜା, ପିସ୍ ମାଛ ଭଜା, ଚିଙ୍ଗୁଡ଼ି ଛେଚା, ବଡ଼ି ଚୁରା, ଶାଗ ଭଜା, ଆଳୁ ଭର୍ତ୍ତା, ସଜନା ଛୁଇଁ ଭଜା, ମିକ୍ସ ଭଜା, କଲରା ଚିପ୍ସ, ବାଇଗଣ ଚିପ୍ସ ପରି ବିଭିନ୍ନ ପ୍ରକାରର ବ୍ୟଞ୍ଜନ ସାମିଲ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସ୍ତରୀୟ ଅଧିକାରୀ, ଡେପୁଟି କଲେକ୍ଟର, ସହକାରୀ ଜିଲ୍ଲାପାଳ, କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ମୀରାବାଇ ବେହେରା ପରିଚାଳନା କରିଥିଲେ।

## ଖାଉଟି ସଚେତନତା କାର୍ଯ୍ୟକ୍ରମ



ଜଗତସିଂହପୁର,୨୦।୩(ସମିସ): ଜିଲ୍ଲା ପ୍ରଶାସନ ଓ ବୈଧମାପ ବିଜ୍ଞାନ ବିଭାଗ ତରଫରୁ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଉପଲକ୍ଷେ ଏକ ଖାଉଟି ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ପରିସରରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖାଉଟି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗର ସଭାପତି ପ୍ରଭାତ କୁମାର ପାଢ଼ୀ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଯୋଗାଣ ଅଧିକାରୀ ଜିତ୍ରାୟ ଚରଣ ଟୁଡୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି , ସିଡିପିଓ, ଜଗତସିଂହପୁର ଧନେଶ୍ୱରୀ ନାୟକ ଏବଂ ଜିଲ୍ଲା ଯୁଗ୍ମ ନିୟନ୍ତ୍ରକ ବୈଧମାପ ବିଜ୍ଞାନ ଗୌରାଙ୍ଗ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଖାଉଟି ସଚେତନତା ବିଷୟରେ ଆଲୋଚନା କରିଥିଲେ। ଏହି ବୈଠକରେ ବୈଧମାପ ବିଜ୍ଞାନ ବିଭାଗର ଯୁଗ୍ମ ନିୟନ୍ତ୍ରକ ଗୌରାଙ୍ଗ ଚନ୍ଦ୍ର ଜେନା, ତାଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ସହଯୋଗରେ ଡେମୋନଷ୍ଟ୍ରେସନ ମାଧ୍ୟମରେ ଖାଉଟି କିପରି ଠକାମିରୁ ବଞ୍ଚିତ ହୋଇପାରିବେ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ବର୍ଗର ଜନସାଧାରଣ ଯୋଗଦେଇଥିଲେ। ପରିଶେଷରେ ବିବେକାନନ୍ଦ ରାଉତ, ନିରୀକ୍ଷକ ଜଗତସିଂହପୁର ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସର ସାମାଜିକ ସୁରକ୍ଷା ଉପରେ ଆଲୋଚନା



ବିରଡ଼ି,୨୦।୩(ସମିସ): ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ସମ୍ମାନ ଦେବା, ଆର୍ଥିକ ଅନଗ୍ରସର, ନିଷ୍ପେସିତ ଓ ଅବହେଳିତ ବର୍ଗର ଜନସାଧାରଣ ତଥା ମହିଳାମାନଙ୍କୁ ସାମାଜିକ ସୁରକ୍ଷା ଦେବା, କୃଷି ଓ କୃଷକର ଉର୍ନ୍ନତି କ୍ଷେତ୍ରରେ ଦେଖାଦେଇଥିବା ସମସ୍ୟାକୁ ଗୁରୁତ୍ୱ ଦେଇ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ବିରିଡି ବ୍ଲକର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସମାଜସେବୀଙ୍କୁ ନେଇ ବିରିଡ଼ି କଂଗ୍ରେସ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଧାନକୁଦ ପୀଠଠାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ଭାଗ୍ୟଧର ଜେନାଙ୍କ ଆହ୍ୱାନରେ ଆୟୋଜିତ କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ବଳରାମ ମଲ୍ଲିକ ସଂଯୋଜନା କରିଥିଲେ। ଏହି ଅବସରରେ ଭାଗ୍ୟଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟତିଥି ଭାବେ ଜଗତସିଂହପୁର ଜିଲ୍ଲା ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ତଥା କଂଗ୍ରେସ ନେତା ନଟବର ବାରିକ ଯୋଗଦେଇଥିବା ବେଳେ ବରଣ୍ୟ ଅତିଥି ଭାବେ ସମବାୟବିତ ଲିଙ୍ଗରାଜ ମଲ୍ଲ, ରାଜ୍ୟମହିଳା କଂଗ୍ରେସ ପ୍ରତିମା ମଲ୍ଲିକ, ପୂର୍ବତନ ନଗରପାଳ ବିପ୍ଳବ ଚୌଧୁରୀ, ବାଲିକୁଦା କଂଗ୍ରେସ ନେତା ନଳିନୀକାନ୍ତ ସ୍ୱାଇଁ, ପାରାଦୀପ ନେତା ନିରଞ୍ଜନ ନାୟକ, ଜିଲ୍ଲା ଚାଷୀମୁଲିଆ ସଂଗଠନର ସଭାପତି ବେଦଦ୍ୟୁତି ପୃଷ୍ଟି, ରାଜ୍ୟ ରାଜୀବଗାନ୍ଧୀ ସଂଗଠନର ସାଧାରଣ ସମ୍ପାଦକ ମାନସ ରଥ, ଏନଏସି ପୂର୍ବତନ ଚେୟାରମ୍ୟାନ ଅଭୟ ମହାନ୍ତି, ସମାଜସେବୀ ଜ୍ଞାନରଞ୍ଜନ ଜେନା, ପୂର୍ବତନ ବିରିଡି ବ୍ଲକ ସଭାପତି ଅଶୋକ ଜେନା, ହାଜିପୁର ର ପୂର୍ବତନ ସରପଞ୍ଚ ବିମଳ ସେଠୀ, ଜୋସ୍ନାରାଣୀ ବେହେରା, ବଡ ଖଣ୍ଡାୟତା ସରପଞ୍ଚ ବେବିନା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷାବିତ, ବରିଷ୍ଠ ନାଗରିକ, ସମାଜସେବୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମୀର ଖୁଣ୍ଟିଆ, ଶ୍ରୀକାନ୍ତ ପଣ୍ଡା, ଚିତ୍ରସେନ ସାହୁ, ଅମୂଲ୍ୟ ମହାନ୍ତି, ପବିତ୍ର ପ୍ରଧାନ, ପ୍ରତାପ ଚନ୍ଦ୍ର ଦାସ, ପ୍ରାଣକୃଷ୍ଣ ପଶାୟତ, ରବୀନ୍ଦ୍ର ପଶାୟତ, ଅଭୟ ମଲ୍ଲ, ତାପସ ବୋଷ, ପବିତ୍ର ଦାସ, କୈଳାସ ସ୍ୱାଇଁ, ଶରତ ଚନ୍ଦ୍ର ସ୍ୱାଇଁ, ବିଶ୍ୱରଞ୍ଜନ ରାୟ, ରାଖାଲ ମଲ୍ଲିକ, ପ୍ରଶାନ୍ତ ବିଶ୍ୱାଳ, ଚିତ୍ତରଞ୍ଜନ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

## ନାଗରିକ ମଞ୍ଚ ପାଳିଲା ହିନ୍ଦୁ ନବବର୍ଷ

ବାଲିକୁଦା,୨୦।୩(ସମିସ): ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ନାଗରିକ ମଞ୍ଚ ତରଫରୁ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ସକାଳୁ ଶିଶୁ ବିଦ୍ୟାମନ୍ଦିର ପରିସରରେ ଯଜ୍ଞ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପ୍ରମୋଦ କୁମାର ବିଶ୍ୱାଳ ଯୋଗଦେଇଥିଲେ। ବାଲିକୁଦା ସଙ୍କୁଳ ପ୍ରମୁଖ ଶିଶିର କୁମାର କାନୁନଗୋ ଏହି କାର୍ଯ୍ୟକ୍ରମରେ ଆବାହକ ଥିଲେ। ଧର୍ମ ଜାଗରଣ ପ୍ରମୁଖ ମାନସ ବରିସଲ୍ୟ ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାନ୍ତ ପ୍ରଚାର ପ୍ରସାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଯୋଗଦେଇଥିବା ବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଚାଳକ ରାମଚନ୍ଦ୍ର ସାହୁଙ୍କ ମାର୍ଗଦର୍ଶନରେ ସମୀର କୁମାର ପ୍ରଧାନ, ରଞ୍ଜିତ କୁମାର ଦାସ, ସୁଦାମ ଚରଣ ପରିଡ଼ା, ରଘୁନାଥ ରାଉତ, ବିଜୟ କୁମାର ବେହେରା, ବିଜୟ କୁମାର ମୁଦୁଲି ପ୍ରମୁଖ କାର୍ଯ୍ୟର ସଫଳତା ପ୍ରତି ଧ୍ୟାନ ଦେଇଥିଲେ। ନିକଟସ୍ଥ ସହକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ, ଭାଷଣ, କୁଇଜ୍ ପ୍ରତିଯୋଗିତା ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ ହୋଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିକୁଦା ପ୍ରଧାନ ଆଚାର୍ଯ୍ୟ ଶସ୍ମିନ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ସମାଜସେବୀ ରମେଶଚନ୍ଦ୍ର ବହିରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

### ● ପାରାଦୀପ ବନ୍ଦରର ନୂତନ କୀର୍ତ୍ତିମାନ ସ୍ଥାପନ

## ନିର୍ଦ୍ଧାରିତ ସମୟ ପୂର୍ବରୁ ୧୫୦.୨୨ ଏମ୍‌ଏମ୍‌ଟି ପଣ୍ୟ ପରିଚାଳନା

ପାରାଦୀପ,୨୦।୩(ସମିସ): ପାରାଦୀପ ବନ୍ଦର ପ୍ରାଧିକରଣ ପଣ୍ୟ ପରିଚାଳନାରେ ଏହାର ଦୃତ ଅଭିବୃଦ୍ଧି ଜାରି ରଖିଛି। ଚଳିତ ମାର୍ଚ୍ଚ ୧୯ ତାରିଖରେ ପଣ୍ୟ ପରିଚାଳନାରେ ୧୫୦.୨୨ ନିୟୁତ ମେଟ୍ରିକ ଟନ (ଏମଏମଟି) ଅତିକ୍ରମ କରି ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆଉ ୧୨ ଦିନ ରହିଥିବା ବେଳେ ଏହି କୀର୍ତ୍ତିମାନ ହାସଲ କରିଛି ପାରାଦୀପ ବନ୍ଦର। ଏବେ ପାରାଦୀପ ବନ୍ଦର ପଣ୍ୟ ପରିଚାଳନାରେ ଏକ ନୂତନ ସର୍ବକାଳୀନ ରେକର୍ଡ ସ୍ଥାପନ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଭାରତର ସାମୁଦ୍ରିକ ବାଣିଜ୍ୟରେ ଏହାର ଭୂମିକାକୁ ଆହୁରି ସୁଦୃଢ଼ କରୁଛି। ପ୍ରମୁଖ କାର୍ଗୋ କ୍ଷେତ୍ରଗୁଡ଼ିକରେ ଅଭିବୃଦ୍ଧି, ନିରନ୍ତର ବ୍ୟବସ୍ଥା ଉନ୍ନତି ଏବଂ ଭିତ୍ତିଭୂମି ବିକାଶ ସହିତ, ଏହି ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ, ଉପାଧ୍ୟକ୍ଷ ଟି.ଭେନୁଗୋପାଲଙ୍କ ଉପସ୍ଥିତିରେ ପାରାଦୀପ ବନ୍ଦର ପ୍ରାଧିକରଣର ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ କର୍ମଚାରୀମାନଙ୍କ ଉପସ୍ଥିତିରେ ଏକ କେକ୍ କଟାଯାଇଥିଲା। ଏହି ଅବସରରେ ଅଧ୍ୟକ୍ଷ ହରନାଦ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ନିରନ୍ତର ମାର୍ଗଦର୍ଶନ ଏବଂ ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ସେ ଏହି ମାଇଲଖୁଣ୍ଟ ହାସଲ କରିବାରେ ସମସ୍ତ ଅଧିକାରୀ, କର୍ମଚାରୀ, ବନ୍ଦର ବ୍ୟବହାରକାରୀ, ଷ୍ଟିଭେଡୋର, ଜାହାଜ ଚଳାଚଳ ଏଜେଣ୍ଟ, ଟ୍ରେଡ୍ ୟୁନିଅନ ଏବଂ ପିପିପି ଅପରେଟରମାନଙ୍କୁ ସେମାନଙ୍କର ଉତ୍ସର୍ଗୀକୃତତା ଏବଂ ଅବଦାନ ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ, ଓଡ଼ିଶା ସରକାର, ଭାରତୀୟ ରେଳ, କଷ୍ଟମ୍ସ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି।

## ଆମ ଗାଁ ଉତ୍ସବ ଉଦ୍‌ଯାପିତ

ଡେରାବିଶ, ୨୦।୩(ସମିସ): ପଲେଇ ପଞ୍ଚାୟତ ଅନ୍ତର୍ଗତ ଜହଙ୍ଗର ଗ୍ରାମରେ ଚାଲିଥିବା ଆମ ଗାଁ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମା' କ୍ଷେତ୍ରପାଳିନୀ ସାଂସ୍କୃତିକ କଳା ପରିଷଦ ଆନୁକୂଲ୍ୟରେ ପାଞ୍ଚଦିନ ବ୍ୟାପୀ ଆୟୋଜିତ ଏହି ଉତ୍ସବରେ ଗ୍ରାମ ଓ ପଡ଼ୋଶୀ ଅଞ୍ଚଳର ବହୁ କଳାକାର ଯୋଗଦେଇ ନୃତ୍ୟ, ଗୀତ ପରିବେଷଣ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଡେରାବିଶ ବିଡିଓ ନମିତା ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମାଜିକ ସମ୍ପର୍କର ମୂଲ୍ୟବୋଧ ଓ ସୁଖଦୁଃଖରେ ସାଥି ହୋଇ ବଞ୍ଚିବାର ଉପାୟ ଏଭଳି ଉତ୍ସବ ହିଁ ସୁଯୋଗ ସୃଷ୍ଟି କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡକ୍ଟର ରାମନାଥ ସାହୁ, ସମ୍ମାନିତ ଅତିଥି ଭାବେ ଡକ୍ଟର କିଶୋର ଜେନା, ଡକ୍ଟର ଏମ୍‌ଡି ସକିଲ, ଅଧ୍ୟାପକ ରମାକାନ୍ତ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇଥିବା ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ କମିଟି ସଭାପତି ସୁନୀଲ ସେଠୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ରାଜକିଶୋର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଦୀପକ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅନୀଲ ସେଠୀ, ପ୍ରଭାକର ଜେନା, ଶରତ ବେହେରା, ଗିରିଶ ନାୟକ, ସଞ୍ଜୟ ସ୍ୱାଇଁ, ପ୍ରସନ୍ନ ନାୟକ ଓ ଅଶୋକ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପାରାଦୀପ ଲାଫିଙ୍ଗ କ୍ଲବରେ ପଖାଳ ଦିବସ

ପାରାଦୀପ,୨୦।୩(ସମିସ): ପାରାଦୀପ ଲାଫିଙ୍ଗ କ୍ଲବ ପକ୍ଷରୁ ବିଶ୍ୱ ପଖାଳ ଦିବସ ଗଲ୍ଫ କ୍ଲବ ପରିସରରେ ଆୟୋଜିତ ହୋଇଯାଇଛି। କ୍ଲବର ଅଧ୍ୟକ୍ଷ ଡ. କୈଳାସ ଚନ୍ଦ୍ର ମହାରଣାଙ୍କ ପୌରୋହିତରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଉପଦେଷ୍ଟା ନିରଞ୍ଜନ ଖୁଣ୍ଟିଆ, କ୍ଲବର ଉପାଧ୍ୟକ୍ଷ କାଳୀପ୍ରସାଦ ମିଶ୍ର, ସମ୍ପାଦକ ସୁଶାନ୍ତ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ଗୌତମ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବର ସଦସ୍ୟ ସୁଧାଂଶୁ ଶେଖର ସୁତାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ନଗେନ୍ଦ୍ର ନାଥ ସ୍ୱାଇଁ। ବ୍ୟଙ୍ଗ କବି ନିଳିମା ସାଉ, ସୁଧାଂଶୁ ସୁତାର ଯୋଗଦେଇ ହାସ୍ୟବ୍ୟଙ୍ଗ କବିତା ଆବୃତ୍ତି କରିଥିଲେ। ଏହି ଅବସରରେ ପଖାଳ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସରସ୍ୱତୀ ମହାରଣା, ଅମ୍ବିକା ସୁତାର, ପ୍ରଜ୍ଞା ନାୟକ, ଅଞ୍ଜନା ସୁତାର, ହରପ୍ରିୟା ଜେନା, ନମିତା ରାଉତ ଓ ଉର୍ମିଳା ମହାନ୍ତିଙ୍କୁ କ୍ଲବ ପକ୍ଷରୁ ପୁରସ୍କୃତ କରାଯାଇ ଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ସାମ୍ବାଦିକ ପ୍ରଶାନ୍ତ କୁମାର ରାଉତ। ସମସ୍ତ ଅତିଥି ଓ କ୍ଲବ ସଦସ୍ୟ ମାନେ ଏକତ୍ର ବିଭିନ୍ନ ବ୍ୟଞ୍ଜନ ସହ ପଖାଳ ଭୋଜନ କରିଥିଲେ। ଜଗନ୍ନାଥ ଶତପଥୀ, କେଶବ ଚନ୍ଦ୍ର ଦଳାଇ, ନଗେନ୍ଦ୍ର ନାଥ ସ୍ୱାଇଁ ଓ ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ପଖାଳ ଉତ୍ସବକୁ ପରିଚାଳନା କରିଥିଲେ।




### ଆଜି ବିଶ୍ୱ କାବ୍ୟ ଦିବସ

## କାବ୍ୟ କବିତା ପ୍ରତି ପାଠକୀୟ ଆକର୍ଷଣ କମୁଛି

କୁଜଙ୍ଗ,୨୦।୩(ସମିସ)

ଆଜି ବିଶ୍ୱ କାବ୍ୟ ଦିବସ। କବିତା ହେଉଛି ଶ୍ରେଷ୍ଠ ଓ ଶକ୍ତିଶାଳୀ ମନୋରମ ଅସ୍ତ୍ର କାମନାକୁ ବିନାଶ କରି ପାରିବ। କବିତାକୁ ବାଦ୍ ଦେଇ ସାମ୍ୟ ସୁନ୍ଦର ସମାଜ ଅସମ୍ଭବ। ମାନବିକ, ବିଚାରବୋଧ, ସାମାଜିକ ଦାୟବଦ୍ଧତା ଓ ସମ୍ବେଦନଶୀଳ ଜୀବନ ଶୈଳୀ କ୍ଷେତ୍ରରେ କାବ୍ୟ କବିତାର ଭୂମିକା ଅତୁଳନୀୟ। କବିତା ହୃଦୟକୁ ହୃଦୟ ସହିତ ଯୋଡ଼ିବା ସହିତ ସମାଜର ଦିଗଦର୍ଶକ ଭାବରେ କାର୍ଯ୍ୟ କରିଥାଏ ବୋଲି ଆଜି ବିଶ୍ୱ କାବ୍ୟ ଦିବସ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ କହିଛନ୍ତି।

ହଜାର ବର୍ଷ ତଳେ ଗ୍ରାମ ମାନଙ୍କରେ ସଂସ୍କୃତରେ ରଚିତ ଜୟଦେବଙ୍କ ଗୀତ ଗୋବିନ୍ଦ, ବାଲ୍ମୀକି ରାମାୟଣ, ପରେ ପ୍ରଥମ କରି ଓଡ଼ିଶା ଭାଷାରେ ଲିପିବଦ୍ଧ ଆଦିକବି ସାରଳାଦାସଙ୍କ ମହାଭାରତ, ବଳରାମ ଦାସଙ୍କ ବହୁଳ ପ୍ରସାରିତ ଲକ୍ଷ୍ମୀ ପୁରାଣ, ଅଚ୍ୟୁତାନନ୍ଦଙ୍କ କୈବର୍ତ୍ତ ପୁରାଣ, ଜଗନ୍ନାଥ ଦାସ କୃତ ଭାଗବତ, ଭୀମ ଭୋଇଙ୍କ ସ୍ତୁତି ଚିନ୍ତାମଣି କାବ୍ୟ କବିତାର ତାଳପତ୍ର ଖେଦା ପୋଥି ଭାବରେ କୋଠଘର, ମଠ ଓ ମନ୍ଦିର ମାନଙ୍କରେ ପୂଜା ପାଇ ପାଠ କରାଯାଇ ଗ୍ରାମ୍ୟ ପରିବେଶକୁ ଅତ୍ୟନ୍ତ ରଚିକର କରିଥିବା କାହାକୁ ଅଛପା ନାହିଁ। ଆଜି ସେଥିରେ ପୂର୍ଣ୍ଣଚ୍ଛେଦ ପଡିଯାଇଥିବାରୁ ସରକାର ପାଠାଗାର ଆନ୍ଦୋଳନ କ୍ଷେତ୍ରରେ ଗୃହ ନିର୍ମାଣ, ପୁସ୍ତକ ଓ ଅନ୍ୟାନ୍ୟ ସାଜ ସରଞ୍ଜାମ ଯୋଗାଇ ଦେଉଥିଲେ ମଧ୍ୟ ପାଠକ ମାନଙ୍କର ପୁସ୍ତକ ପ୍ରତି ଆଗ୍ରହ ପ୍ରକାଶ ପାଉନାହିଁ। ମୋବାଇଲ ନିଶାରେ ଯୁବପିଢ଼ିଙ୍କ ମାନସିକତା ବନ୍ଧା ପଡିଥିବାରୁ ଓଡ଼ିଆ କାବ୍ୟ କବିତାର ଆଦର ଆଶାତୀତ ଭାବେ ହ୍ରାସ ଘଟିଛି ବୋଲି ବିଶିଷ୍ଟ ନାଟ୍ୟକାର ତଥା ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟକାରୀ ସଦସ୍ୟ ଡ. ରଘୁନାଥ ସାହୁ, ମେଘମହ୍ଲାର ସଭାପତି ଡ. କେଶବଚନ୍ଦ୍ର ଦଳାଇ ମତ ପ୍ରକାଶ କରିଛନ୍ତି। ସ୍ୱାଧୀନତା ପରବର୍ତ୍ତି ସମୟରେ ଯେତିକି ସଂଖ୍ୟାରେ କାବ୍ୟ କବିତା, ଗପ, ନାଟକ, ଉପନ୍ୟାସ ପ୍ରକାଶ ପାଉଥିଲା ଅଶୀପରବର୍ତ୍ତି କାଳରେ ଘରେ ଘରେ ଟିଭି ବ୍ୟବହାର ଯୋଗୁ ସେଥିରେ ନାହିଁ ନ ଥିବା ହ୍ରାସ ଘଟି ସାରିଛି। ଆଗାମୀ ୫୦ ବର୍ଷ ଭିତରେ ପୁସ୍ତକର ରୂପରେଖ କ'ଣ ରହିବ ଓ କାବ୍ୟ କବିତାର ଭବିଷ୍ୟତ କେତେ ଶୁଭଙ୍କର ଏବେଠାରୁ କହିବା ସମ୍ଭବ ନୁହେଁ ବୋଲି କବି ଶ୍ରୀ ତରାଇ ଆଶଙ୍କା ପ୍ରକାଶ କରିଛନ୍ତି।



## କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା

# ଜଣେ ଶିକ୍ଷକ ସମେତ ୩ ଅଟକ

ଭୁବନ,୨୦।୩(ସମିସ)

କାମାକ୍ଷାନଗର ମହିଳା ମହାବିଦ୍ୟାଳୟର ଜଣେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ନେଇ ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଦୋଷୀଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି। ଏସପି ଅଭିନବ ସୋନକରଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ତଦନ୍ତ ଜାରି ରହିଛି। ଏହି ଘଟଣାରେ ପୁଲିସ ମୃତ ଜଣେ ଶିକ୍ଷକ ସମେତ ୩ ଜଣଙ୍କୁ ଅଟକ



ରଖି ତଦନ୍ତ ଚଳାଇଛି। ଏଥିସହ ପୁଲିସ ଏକ 'କିଆ' ଗାଡ଼ି ଜବତ କରିଛି।

ସ୍ଥାନୀୟ ବିଧାୟକ ଶତ୍ରୁଘ୍ନ ଜେନା ଛାତ୍ରୀଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଭେଟିଛନ୍ତି। ଏପରିକି ବିଜେଡି ଓ କଂଗ୍ରେସର ସ୍ୱତନ୍ତ୍ର ଟିମ ଛାତ୍ରୀଙ୍କ ଘରକୁ ଯାଇ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ବିଜେଡି

### ବ୍ୟବହୃତ 'କିଆ' ଗାଡ଼ି ଜବତ

ଜୋନାଲ ସଭାପତି ଜ୍ୟୋସ୍ନା ପରିଡ଼ା, ଜିଲ୍ଲା ସଭାନେତ୍ରୀ ସାଗରିକା ମିଶ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଭୁବନ ନଗରପାଳ ଶୁଭେନ୍ଦୁ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳଙ୍କ ସମେତ ବହୁ ବିଜେଡି ନେତା ଓ କଂଗ୍ରେସ ବିଧାନସଭା ପ୍ରାର୍ଥୀ ବିପ୍ରବର ସାହୁ, ବ୍ଲକ ସଭାପତି ବ୍ରହ୍ମା ନନ୍ଦ କୁଅଁର ଛାତ୍ରୀଙ୍କ ଘରେ ପହଞ୍ଚିଥିଲେ। ନାରୀ ସୁରକ୍ଷା ବାହିନୀ ରାଜ୍ୟ ସଭାନେତ୍ରୀ ପ୍ରଫେସର ଗୀତାଞ୍ଜଳି ବିଶ୍ୱାଳଙ୍କ ଟିମ ମଧ୍ୟ ପହଞ୍ଚିଥିଲେ। ଲୋକଙ୍କ ସରକାରରେ ଏଭଳି ଅପରାଧକୁ ନିସ୍ତାର ନାହିଁ ବୋଲି କହିଛନ୍ତି ବିଧାୟକ ଜେନା। ସେପଟେ ଏହି ଚାଞ୍ଚଲ୍ୟକର ଏବଂ ସ୍ପର୍ଶକାତର ଘଟଣାକୁ ନେଇ ବିଭିନ୍ନ ମହଲରୁ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଅନ୍ୟପଟେ କଟକରେ ମୃତଦେହ ବ୍ୟବଚ୍ଛେଦ ପରେ ସତର୍କତାର ସହ ରାସ୍ତା ବଦଳାଇ ମାର୍ଥାପୁରରେ ପହଞ୍ଚିବା ପରେ ପୁଲିସ ଉପସ୍ଥିତରେ ଦାହ କରାଯାଇଛି।

● କଲେଜ ଛାତ୍ରୀଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର ଘଟଣା

## ଥାନାରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ ଟିମ୍



କାମାକ୍ଷାନଗର,୨୦।୩(ସମିସ): କାମାକ୍ଷାନଗର ଥାନା ସାରୁଆଳି ଗ୍ରାମ ନିକଟ ଜଙ୍ଗଲରୁ କଲେଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ଘଟଣାରେ ଶୁକ୍ରବାର ଦିନତମାମ ଛାତ୍ରୀଙ୍କ ଗାଁରେ ବିଜେପି, ବିଜେଡି ଓ କଂଗ୍ରେସ ନେତାମାନେ ପହଞ୍ଚି ପରିବାର ବର୍ଗଙ୍କୁ ଭେଟିଛନ୍ତି। ପାରିପାର୍ଶ୍ୱିକ ପରିସ୍ଥିତିରୁ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରଯାଇଥିବା ସନ୍ଦେହ କରାଯାଉଛି। ଏହାକୁ ନେଇ କଂଗ୍ରେସର ଏକ ପ୍ରତିନିଧି ଦଳ ବରିଷ୍ଠ କଂଗ୍ରେସ ନେତା ବିପ୍ରବର ସାହୁଙ୍କ ନେତୃତ୍ୱରେ କାମାକ୍ଷାନଗର ଥାନାକୁ ଯାଇ ତୁରନ୍ତ ଦୋଷୀଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। କେହି ଆଉ ସୁରକ୍ଷିତ ନୁହନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନ ତୀବ୍ରତର ହେବବୋଲି ଚେତାବନୀ ଦେଇଥିଲେ।

● କଲେଜ ଛାତ୍ରୀଙ୍କୁ ହତ୍ୟା ଘଟଣା

## ପରିବାରକୁ ନ୍ୟାୟ ଓ ହତ୍ୟାକାରୀଙ୍କୁ ଫାଶୀଦଣ୍ଡ ଦାବି



ବିଜେଡିର କ୍ୟାଣ୍ଡେଲ ଶୋଭାଯାତ୍ରା

କାମାକ୍ଷାନଗର,୨୦।୩(ସମିସ): କାମାକ୍ଷାନଗର ମହିଳା କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ତିନିଦିନ ବିତିଲାଣି। କିନ୍ତୁ ଆଜି ପର୍ଯ୍ୟନ୍ତ ପୁଲିସର ହାତ ଖାଲି ରହିଛି। ଏହାକୁ ନେଇ କାମାକ୍ଷାନଗର ବିଜେଡି ତରଫରୁ ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଓ ହତ୍ୟାକାରୀଙ୍କୁ ଫାଶୀଦଣ୍ଡ ଦାବି କରାଯାଇଛି। ଏହି ଅବସରରେ ବିଜେଡି ତରଫରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ସ୍ଥାନୀୟ ହନୁମାନ ବଜାରରୁ ବାହାରି ସହର ପରିକ୍ରମା କରିଥିଲା। ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଏହି କ୍ୟାଣ୍ଡେଲ ଶୋଭାଯାତ୍ରାରେ ରାଜ୍ୟ ଯୁବ ବିଜେଡି ଉପସଭାପତି ସତ୍ୟଜିତ ପଟ୍ଟନାୟକଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇ ମୃତ ଛାତ୍ରୀଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବି କରିବା ସହ ନାରୀ ନିର୍ଯାତନା କ୍ଷେତ୍ରରେ ସରକାରଙ୍କ ବିଫଳତାକୁ ନେଇ ବର୍ଷିଥିଲେ। ରାଜ୍ୟରେ ଦିନକୁ ଦିନ ଛାତ୍ରୀ, ମହିଳାମାନଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଉଥିବା ବେଳେ ଏହାକୁ ନେଇ ସରକାର ନିରବ ଅଛନ୍ତି। ଏହି ସରକାର ମହିଳା ବିରୋଧୀ ସରକାର ହୋଇଥିବା ବେଳେ ଏହାକୁ ନେଇ ଉପସ୍ଥିତ କର୍ମୀ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଏନଏସି ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ବିଜେଡି ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ନାରୀ ନେତ୍ରୀ ରଞ୍ଜିତା ବେହେରା, ଯୁବ ନେତା ଦିଲୀପ ଷେଣ୍ଢଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଭାଗ ନେଇଥିଲେ।

### କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା

## ପରିବାରକୁ ଭେଟିଲେ ପିସିସିର ତଥ୍ୟ ଅନୁଧ୍ୟାନ କମିଟି

ଢେଙ୍କାନାଳ,୨୦।୩(ସମିସ)

କାମାକ୍ଷାନଗର ମହିଳା ମହାବିଦ୍ୟାଳୟର ପ୍ରଥମ ବାର୍ଷିକ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାର ତଥ୍ୟ ଅନୁସନ୍ଧାନ ପାଇଁ ଆଜି ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ପ୍ରଦେଶ ମହିଳା କଂଗ୍ରେସର ଏକ ସ୍ୱତନ୍ତ୍ର ଟିମ କାମାକ୍ଷାନଗର ପଠାଇଥିଲେ। ଏହି ଟିମରେ ପ୍ରଦେଶ ମହିଳା କଂଗ୍ରେସର ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଅଧ୍ୟକ୍ଷ ଥିବା ବେଳେ ସଭ୍ୟ ଭାବେ ମଞ୍ଜୁଶ୍ରୀ ମିଶ୍ର, ଜୟସ୍ମିତା ମହାନ୍ତି ଏବଂ ସବିତା ଧିର ରହିଛନ୍ତି। ଭୁବନ ବ୍ଲକର ମାର୍ଥାପୁର ଗାଁ ଠାରେ ଏହି ଟିମ ଦିବଙ୍ଗତା ଛାତ୍ରୀର ପରିବାରକୁ ସାକ୍ଷାତ କରିଥିଲେ। ଝିଅର ମାଙ୍କର ବକ୍ତବ୍ୟ ଅନୁଯାୟୀ ଝିଅକୁ ଗଣଦୁଷ୍କର୍ମ କରାଯାଇ ହତ୍ୟାକରାଯାଇଛି। ଛାତ୍ରୀଜଣକ କଲେଜରୁ ଫେରୁଥିବା ବେଳେ ବସ ପାଇନଥିଲା ଏବଂ ଅନ୍ୟଏକ ନମ୍ବରରୁ ତାଙ୍କ ଗାଁର ଜଣେ ବାନ୍ଧବୀକୁ ଫୋନ କରି କହିଥିଲା ଯେ ସେ ଏକ କାରଯୋଗେ ଫେରଛି। ମାତ୍ର ପରବର୍ତ୍ତୀ ଘଟଣାରେ କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ସାରୁଆଳି ଜଙ୍ଗଲରେ ତାର ମୃତଦେହ



ମିଳିଥିଲା। ଏହି ଟିମ କାମାକ୍ଷା ନଗର ଥାନା ଅଧିକାରୀଙ୍କୁ ଭେଟି ଅପରାଧିଙ୍କୁ ତୁରନ୍ତ ଧରିବାପାଇଁଦାବିକରିଥିଲେ।ଏହିଅବସରରେ ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ଯେ ମୋହନ ସରକାରରେ ଅପରାଧିମାନେ ଦୃଷ୍ଟାନ୍ତମୂଳକ ଦଣ୍ଡ ନପାଇବାରୁ ଦିନକ ଦିନ ମହିଳା ହତ୍ୟା ଓ ଦୁଷ୍କର୍ମ ବଢିଚାଲିଛି। ପୁଲିସ ପ୍ରଶାସନ ମହିଳାଙ୍କର ଅଭିଯୋଗ ଏବଂ ସୁରକ୍ଷାପ୍ରତି ଉଦାସୀନ। ସୁତରାଂ କାମାକ୍ଷାନଗର ମହିଳା ମହାବିଦ୍ୟାଳୟର ଦିବଙ୍ଗତା ଦୁଷ୍କର୍ମ ପୀଡିତା ଛାତ୍ରୀର ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରାଯାଇ ଆଇନଅନୁଯାୟୀ ଦଣ୍ଡିତ କରାଯାଉ। ପୀଡିତାର ପରିବାରକୁ ୫୦ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଦିଆଯାଉ। ଏହି କାର୍ଯ୍ୟକ୍ରମରେ ପିସିସି ସମ୍ପାଦିକା ଶିଲ୍ପଶ୍ରୀ ହରିଚନ୍ଦନ ଏବଂ କାମାକ୍ଷାନଗରର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିପ୍ରବର ସାହୁ, କାମାକ୍ଷା ପଣ୍ଡା, ବ୍ରହ୍ମାନନ୍ଦ କୁଅଁର, ସଞ୍ଜୀବ କୁମାର ବେହେରା, ଅଯୋଧ୍ୟା ଶତପଥି, ଦୁଃଶାସନ ସାହୁ, ସଂଜୀବ କୁମାର ସାହୁ, ଅଶୋକ କୁମାର ନାଥ ଓ ରୋହିତ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସାହିତ୍ୟ ପରିଷଦର ରାଷ୍ଟ୍ରୀୟ ନବବର୍ଷ

ଢେଙ୍କାନାଳ,୨୦।୩(ସମିସ): ସ୍ଥାନୀୟ ହାଉସିଂ ବୋର୍ଡ ନିକଟ ଭାରତମାତା ସେବା ସଙ୍ଗଠନ ସଭାଗୃହରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଜିଲ୍ଲା ଶାଖା ପକ୍ଷରୁ ଗୁରୁବାର ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଛି। ପରିଷଦର ଜିଲ୍ଲା ସଭାପତି ଡ. ଦୁର୍ଗାମାଧବ ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଭାରତ ଏକ ବିଶାଳ ହିନ୍ଦୁ ରାଷ୍ଟ୍ର ଯିଏ ସମଗ୍ର ବିଶ୍ୱକୁ ମାର୍ଗଦର୍ଶନ କରାଏ। ଏହାର ପ୍ରାଚୀନ ସଂସ୍କୃତି ଓ ପରମ୍ପରା ଏହାକୁ ମହିମାମଣ୍ଡିତ କରିବା ସହ ସମଗ୍ର ବିଶ୍ୱକୁ ଶାନ୍ତିର ବାର୍ତ୍ତା ପ୍ରଦାନ କରିଥାଏ। ପରିଷଦର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କବି ବାହାଦୁର ପାଟସାହାଣୀ ସଭାରେ ଅଧ୍ୟକ୍ଷତା କରି କହିଲେ ଯେ ଆଜିର ଦିନରେ ପୁରୁଷୋତ୍ତମ ରାମଚନ୍ଦ୍ର ଓ ରାଜା ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ହୋଇଥିଲା। ବ୍ରହ୍ମାଙ୍କ ଦ୍ୱାରା କାଳ ଗଣନା କରାଯାଇଥିଲା। ପରିଷଦର ଜିଲ୍ଲା ସମ୍ପାଦକ ପ୍ରମୋଦ କୁମାର ପରିଡ଼ା ଦିବସ ପାଳନ ଉପରେ ଅଭିଭାଷଣ ରଖିଥିଲେ। ଏହି



ଅବସରରେ ଜିଲ୍ଲାସ୍ତରୀୟ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ମମତା ମହାନ୍ତ କବିତାଗୁଡ଼ିକୁ ସଂଯୋଜନା କରିଥିଲେ। ଆଲୋଚକ ଭାବେ ବିନାୟକ ଶତପଥୀ, ମଥୁରୀ ସାହୁ, ଭଗବତୀ ସାହୁ, ସଂଯୁକ୍ତା ଶରଣ, ଅଧ୍ୟାପକ କ୍ଷୀରୋଦ ନାୟକ, କବି ଜ୍ୟୋତି ନିରଞ୍ଜନ ପତି, କବି ଫକୀର ମୋହନ ସାହୁ, ରାମଚନ୍ଦ୍ର ଦେବତା, ପ୍ରଭାତି ନଳିନୀ ଦାଶ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ପ୍ରମୋଦ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଶିକ୍ଷା ବିଭାଗର ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ



ଖଜୁରିଆକଟା,୨୦।୩(ସମିସ): ହିନ୍ଦୋଳ ବ୍ଲକ ଅନ୍ତର୍ଗତ ଶିକ୍ଷା ବିଭାଗ ପକ୍ଷରୁ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଅଣସାକ୍ଷରତା ନିରାକରଣ ପାଇଁ ଏଫଏଲଏନଏଟି ପରୀକ୍ଷା ଅନୁଷ୍ଠିତ ହୋଇଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଲା ଅଣସାକ୍ଷରଙ୍କୁ ଲେଖିବା, ପଢ଼ିବା, ସହ ଶିକ୍ଷିତ ଅଭିଯାନକୁ ତ୍ୱରାନ୍ୱିତ କରାଇବା ଯାହା ଆଜିର ସମାଜରେ ଅପରିହାର୍ଯ୍ୟ ବୋଲି ଆୟୋଜକମାନେ ମତ ପ୍ରକାଶ କରିଛନ୍ତି। ହିନ୍ଦୋଳ ବ୍ଲକ ଶିକ୍ଷା ଅଧିକାରୀ ହରିହର ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ନୋଡାଲ ତଥା ସହ ଶିକ୍ଷା ଅଧିକାରୀ ପ୍ରକାଶ କୁମାର ପ୍ରଧାନ, ୧୭ଜଣ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିଭିନ୍ନ ପରୀକ୍ଷାକେନ୍ଦ୍ର ପରିଦର୍ଶନ କରି ବ୍ୟବସ୍ଥା ସମ୍ବନ୍ଧରେ ତଦାରଖ କରିଥିଲେ। ୧୮୩ ପରୀକ୍ଷା କେନ୍ଦ୍ରରେ ୬୫୭ ପୁରୁଷ ଓ ୨୧୪୯ ମହିଳା ସର୍ବମୋଟ ୨୮୦୭ ଜଣ ଅଣସାକ୍ଷର ପରୀକ୍ଷା ଦେଇଥିଲେ।

## ମହିଳା ବିଜେଡି ପକ୍ଷରୁ ଏସ୍‌ପିଙ୍କୁ ସ୍ମାରକପତ୍ର

ଢେଙ୍କାନାଳ,୨୦।୩(ସମିସ): ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଥାନା ସାରୁଆଳି ଗ୍ରାମ ନିକଟ ଜଙ୍ଗଲରୁ ଗୁରୁବାର ପୂର୍ବାହ୍ନରେ ଜଣେ କଲେଜ ଛାତ୍ରୀଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଥିଲା। ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା



ସନ୍ଦେହ କରାଯାଇଛି। ଏହି ଘଟଣାକୁ ନେଇ ଜିଲ୍ଲା ବିଜୁ ମହିଳା ଜନତା ଦଳ ଏବଂ ରାଜ୍ୟ ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ଟିମ୍ ଛାତ୍ରୀଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ବୁଝିବା ସହ ସମବେଦନା ଜଣାଇଛନ୍ତି। ଛାତ୍ରୀଙ୍କ ଗ୍ରାମ ମାର୍ଥାପୁରରେ ରାଜ୍ୟ ମହିଳା ଜୋନାଲ୍ ସଭାପତି ଜ୍ୟୋସ୍ନାରାଣୀ ପରିଡ଼ା, ଢେଙ୍କାନାଳ ଜିଲ୍ଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲା ଉପସଭାପତି ତିଳୋତ୍ତମା ଚୌଧୁରୀ, ଉର୍ବଶୀ ମହାପାତ୍ର, ଶ୍ରଦ୍ଧାଞ୍ଜଳି ସାହୁ, ଜ୍ୟୋସ୍ନାରାଣୀ ମଣ୍ଡଳ ଏବଂ ଭୁବନ ଏନ୍ଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ପୂର୍ବତନ ଭୁବନ ବ୍ଲକ୍ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ପ୍ରମୁଖ ପହଞ୍ଚିଥିଲେ। ସେଠାରୁ ସମସ୍ତ କର୍ମକର୍ତ୍ତା ଢେଙ୍କାନାଳ ଏସ୍‌ପି ଭେଟି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁ, ଢେଙ୍କାନାଳ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଜିଲ୍ଲା ଉପସଭାପତି ଦେବାଶିଷ ମିଶ୍ର, ଅଜୟ କୁମାର ଭଞ୍ଜ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଆର୍ଯ୍ୟନ ଦାସ, ସୋସିଆଲ୍ ମିଡିଆ ସଂଯୋଜକ ଗଙ୍ଗାଧର ରାଉତ, କାଉନ୍‌ସିଲର ଲିପିକା ଦାସ, ପ୍ରଦୀପ କୁମାର ସାହୁ, ମାନସ ରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ପୁଲିସ ଅଧିକାରୀ ସଂଘର ବୈଠକ

ଢେଙ୍କାନାଳ,୨୦।୩(ସମିସ): ସ୍ଥାନୀୟ ଶ୍ୟାମାଚରଣପୁରସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶେୟାର ସଭାଗୃହରେ ଜିଲ୍ଲା ଅବସରପ୍ରାପ୍ତ ପୁଲିସ ଅଧିକାରୀ ସଂଘର ଏକ ସାଧାରଣ ସଭା ସଂଘର ସଭାପତି ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲର ବିଭିନ୍ନ ସ୍ଥାନରୁ ଅବସର ପ୍ରାପ୍ତ ପୁଲିସ ଅଫିସରମାନେ ଯୋଗ ଦେଇ ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସମସ୍ତ ସଭ୍ୟମାନଙ୍କ ପାଇଁ ସୁବିଧାଜନକ ସ୍ୱାସ୍ଥ୍ୟ ସୁବିଧା ଇନ୍ସୁରାନ୍ସ ସୁବିଧା ଏବଂ ସଙ୍ଘ ପାଇଁ ଏକ ଗୃହ ଯୋଗାଇ ଦେବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଅନୁରୋଧ କରିବା ପାଇଁ ନିଷ୍ପତ୍ତି ନିଆଗଲା। ପରବର୍ତ୍ତି ସଭା ଆସନ୍ତା ୧୨ ରିଖ ଦିନ ଅନୁଷ୍ଠିତ ହେବା ନିମନ୍ତେ ଧାର୍ଯ୍ୟ କରାଯାଇଛି। ଏହି ସଭାରେ ଅବସରପ୍ରାପ୍ତ ଏସପି ତଥା କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ମିଶ୍ର, ଇନ୍ଦ୍ରମଣି ବେହେରା ତଥା ଅନ୍ୟାନ୍ୟ ପ୍ରାୟ ୪୦ ଜଣ ଅବସର ପ୍ରାପ୍ତ ପୁଲିସ ଅଫିସର ଯୋଗଦାନ କରିଥିଲେ।



## ପୂର୍ବତନ ସରପଞ୍ଚଙ୍କ ପରଲୋକ

ଢେଙ୍କାନାଳ,୨୦।୩(ସମିସ): ସଦର ବ୍ଲକ ନଡିଆଳୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ କୁମାର ସାହୁଙ୍କର ୭୦ବର୍ଷ ବୟସରେ ରବିବାର ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ



ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ମରଶରୀରକୁ ତାଙ୍କ ଗୁଡ଼ିଆନାଳୀସ୍ଥିତ ବାସଭବନକୁ ଅଣାଯାଇ ସୋମବାର ପୂର୍ବାହ୍ନ ୧୦ଟାରେ ନଡ଼ିଆଳୀ ନିଆଯାଇଥିଲା। ଶାନ୍ତି ରଥରେ ସମଗ୍ର ପଞ୍ଚାୟତ ପରିକ୍ରମା କରାଯାଇ ଅପରାହ୍ନ ୨ଟାରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ ସିଦ୍ଧାର୍ଥ ମୁଖାଗ୍ନି ଦେଇଥିଲେ। ଏକମାତ୍ର ଝିଅ ସୁମନ ଶ୍ରଦ୍ଧା ଉପସ୍ଥିତ ଥିଲେ। ଗ୍ରାମର ହଜାର ହଜାର ବ୍ୟକ୍ତି ତାଙ୍କ ଅନ୍ତିମ ଯାତ୍ରାରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେ ୧୯୮୭ରେ ନିର୍ଦ୍ୱନ୍ଦ୍ୱରେ ସରପଞ୍ଚ ନିର୍ବାଚିତ ହୋଇଥିବା ବେଳେ ପୁନର୍ବାର ୧୯୯୭ରେ ଦ୍ୱିତୀୟ ଥର ସରପଞ୍ଚ ନିର୍ବାଚିତ ହୋଇଥିଲେ। ରାଜା କାମାକ୍ଷାପ୍ରସାଦ ସିଂହଦେଓ ଓ ନନ୍ଦିନୀ ଦେବୀଙ୍କ ପ୍ରିୟପାତ୍ର ଥିଲେ। ତାଙ୍କ ଉଦ୍ୟମରେ ନଡ଼ିଆଳୀ ଗ୍ରାମରେ ରାଜ୍ୟ ପଣ୍ୟାଗାର ନିଗମ ପକ୍ଷରୁ ଗୋଦାମ ନିର୍ମିତ ହୋଇଥିଲା। ସେ ଜାତୀୟ ରାଜପଥ ପାଶ୍ୱର୍ ମଲ୍ଲିକେଶ୍ୱରୀ ଠାକୁରାଣୀଙ୍କ ଉନ୍ନୟନ ଟ୍ରଷ୍ଟର ସଭାପତି ମଧ୍ୟ ରହିଥିଲେ। ଢେଙ୍କାନାଳ ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦ ଓ ଜିଲ୍ଲା ସକ୍ରିୟ ନାଗରିକ ପରିଷଦର ଆଜୀବନ ସଭ୍ୟ ଥିଲେ। ତାଙ୍କ ବିୟୋଗରେ ପରିଷଦର ଉପଦେଷ୍ଟା ଯୁବରାଜ ଅମରଜ୍ୟୋତି ସିଂହଦେଓ, ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଅଶୋକ କୁମାର ନନ୍ଦଙ୍କ ସମେତ ସମସ୍ତ ସଭ୍ୟ ଶୋକ ପ୍ରକାଶ କରି ପରିବାରକୁ ସମବେଦନା ଜଣାଇଛନ୍ତି।

### ବିଭିନ୍ନ ସ୍ଥାନରେ ବିଶ୍ୱ ପଖାଳ ଦିବସ ପାଳିତ

# 'ପଖାଳ ଓଡ଼ିଆ ସଂସ୍କୃତିର ପ୍ରତୀକ'

ଢେଙ୍କାନାଳ,୨୦।୩(ସମିସ): ପଖାଳ ଓଡ଼ିଆ ସଂସ୍କୃତିର ପ୍ରତୀକ। ଏହା କେବଳ ଗରିବଙ୍କ କଂସାରେ ସୀମିତ ନାହିଁ ବରଂ ପଞ୍ଚତାରକା ହୋଟେଲ୍‌ରେ ଖାଦ୍ୟ ମେନୁରେ ବି ସ୍ଥାନ ପାଇଲାଣି। ନୂଆପିଢ଼ି ଏଥିପ୍ରତି ସଚେତନ ରହିବା ଆବଶ୍ୟକ ବୋଲି ଲମ୍ବୋଦରପୁରସ୍ଥିତ ମା' ତାରିଣୀ ମନ୍ଦିରରେ ଜିଲ୍ଲାର ଶ୍ରୀ ଜଗନ୍ନାଥ ସେବା ପରିଷଦ ପକ୍ଷରୁ ଆୟୋଜିତ ବିଶ୍ୱ ପଖାଳ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଉତ୍କଳ ଆଜବେଷ୍ଟସ ଲିମିଟେଡ୍‌ର କାର୍ମିକ ମହାପ୍ରବନ୍ଧକ କ୍ଷୀରୋଦ କୁମାର ବେହେରା ଯୋଗଦେଇ କହିଲେ ଯେ ପଖାଳ କଂସା ହେଉଛି ଓଡ଼ିଆର ଜୀବନ। ଆଜି ଦିନରେ ଏହା ଧନୀ ଦରିଦ୍ର ନିର୍ବିଶେଷରେ ସମସ୍ତଙ୍କ ପ୍ରିୟ ବ୍ୟଞ୍ଜନ ହୋଇଛି। ପରିଷଦର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ରଥ ଏଥିରେ ସଭାପତିତ୍ୱ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥ ମଧ୍ୟ ପଖାଳ ପ୍ରିୟ ବୋଲି କହିଥିଲେ। ପରିଷଦର ଉପସଭାପତି





ସୁନୀଲ ଦାଶ, ଆଜୀବନ ସଦସ୍ୟ ବିଶ୍ୱନାଥ ବେହେରା, ଆଇନଜୀବୀ ଦୀପକ ପଟ୍ଟନାୟକ, ଇଂ କିଶୋର ମିଶ୍ର, ଅନିତା ରଥ, ପ୍ରେମଶଙ୍କର ମିଶ୍ର, ମନୋରଞ୍ଜନ ମିଶ୍ର, ରମେଶ ପତି, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଯୋଗଦେଇ ପଖାଳର ମହତ୍ତ୍ୱ ବଖାଣିଥିଲେ। ତାରିଣୀ ମନ୍ଦିର ପରିଚାଳନା କମିଟି ସଭ୍ୟ ତ୍ରିଲୋଚନ ସାହୁ ଅତିଥିଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ଜଗନ୍ନାଥ ସେବା ପରିଷଦର ଆଜୀବନ ସଭ୍ୟ ବିଜୟ କୁମାର ସାହୁଙ୍କ ବିୟୋଗରେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସମବେତ ଶ୍ରଦ୍ଧାଳୁଙ୍କୁ ମା'ଙ୍କଠାରେ ଲାଗି ହୋଇଥିବା ଦହିପଖାଳ, ଛତୁ ଖରଡ଼ା, ଆଳୁବାଇଗଣ ଭରତା, ବଡ଼ିଚୁରା, କାକୁଡ଼ି ଟମାଟୋ ସାଲାଡ୍, ପାମ୍ପଡ଼, ଆଳୁକଲରା ଭଜା ଓ ଶାଗମୁଗ ଆଦି ପରସା ଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଗଁଦିଆ:** ଗଁଦିଆ ଅଞ୍ଚଳର ଗାଁଠୁ ସହର ପର୍ଯ୍ୟନ୍ତ ପ୍ରତ୍ୟେକ ଘର ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ବିଶ୍ୱ ପଖାଳ ଦିବସ ପାଳନ କରାଯାଇଛି। ଏଥିସହ ଛୋଟ ବଡ଼ ହୋଟେଲରେ ମଧ୍ୟ ପଖାଳ ସହ ଆନୁଷଙ୍ଗିକ ବ୍ୟଞ୍ଜନ ପରସାଯାଇଛି। ବିଭିନ୍ନ ସ୍ଥାନରେ ପଖାଳ ସହ ବଡ଼ିଚୁରା, ମାଛଭଜା, ଶାଗଭଜା, ଛୁଇଁଆଳୁ ଭଜା, କାକୁଡ଼ି ସାଲାଡ ଆଦି ପ୍ରସ୍ତୁତ କରାଯାଇଥିଲା। ଶ୍ରୀମନ୍ଦିର ନିକଟରେ ହୋଟେଲ କରିଥିବା ଲୋକନାଥ ମହାରଣା କହିଛନ୍ତି, ଖରାଦିନେ ଗ୍ରାହକ ପଖାଳ ପସନ୍ଦ କରିଥାନ୍ତି। ପଖାଳ ସହ ବିଭିନ୍ନ ଭଜା ପାମ୍ପଡ, ଖଟା, ବଡ଼ିଚୁରା ଆଦି ଦିଆଯାଏ। ୬୦ରୁ ୭୦ ଟଙ୍କାରେ ପଖାଳ କଂସାଏ ଖାଇ ଲୋକେ ତୃପ୍ତି ଲାଭ କରିଥାନ୍ତି।

**ଢେଙ୍କାନାଳ:** ଓଡ଼ିଆ ପାରମ୍ପରିକ ଖାଦ୍ୟ ପଖାଳର ଗୁରୁତ୍ୱ ତଥା ସ୍ଥାନୀୟ ସଂସ୍କୃତିକୁ ପ୍ରଚାର କରିବା ଉଦ୍ଦେଶ୍ୟରେ ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ପୁରୁଣା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପଖାଳ ପରବ ପାଳିତ ହୋଇଛି। ଏହି ଅବସରରେ ଦହି ପଖାଳ ସହ ପାରମ୍ପରିକ ଓଡ଼ିଆ ବ୍ୟଞ୍ଜନ ପ୍ରଦର୍ଶନ ଓ ବିତରଣ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇ ପଖାଳର ସ୍ୱାଦ ଉପଭୋଗ କରିଥିଲେ।

